ଆଜି - ବୁଧବାର
ତାରିଖ - ୧୪ ଅକ୍ଟୋବର ୨୦୨୬
ମାସ - କନ୍ୟା, ଦିନ - ୨୮
ତିଥି - ଚତୁର୍ଥୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ଅନୁରାଧା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୪: ୦୦
ସୂର୍ଯ୍ୟାସ୍ତ - ୫ : ୨୧ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition · AJIKALI · ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 42 ISSUE- 182 R.N.I. REGD. No. 44026/86 ବାଲେଶ୍ୱର ୧୪ ଅକ୍ଟୋବର ୨୦୨୬ ବୁଧବାର BALASORE 14 OCTOBER 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦




ମା'ଙ୍କ କୁଷ୍ମାଣ୍ଡା ବେଶ



ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ତୃତୀୟ ଦିବସରେ ମା'ଙ୍କ 'ଚନ୍ଦ୍ରଘଂଟା' ବେଶ ଅନୁଷ୍ଠିତ ।

## ନବରାତ୍ରିର ତୃତୀୟ ଦିନରେ ମା' ଚନ୍ଦ୍ରଘଂଟଙ୍କୁ ପ୍ରାର୍ଥନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସାହସ, ଶାନ୍ତି ଏବଂ ଦିବ୍ୟ ଶକ୍ତିର ଦେବୀ ମା ଚନ୍ଦ୍ରଘଂଟଙ୍କୁ ପ୍ରାର୍ଥନା କରିଛନ୍ତି । ପ୍ରଧାନମନ୍ତ୍ରୀ ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଛନ୍ତି ଏବଂ ସମସ୍ତଙ୍କ ଜୀବନ ସୁଖ, ସୌଭାଗ୍ୟ ଏବଂ ସଫଳତାରେ ପରିପୂର୍ଣ୍ଣ ରହୁ ବୋଲି କାମନା କରିଛନ୍ତି ।

## ରାଷ୍ଟ୍ରପତିଙ୍କୁ ଜାତୀୟ ପ୍ରତିରକ୍ଷା ମହାବିଦ୍ୟାଳୟର ସଦସ୍ୟମାନେ ସାକ୍ଷାତ କଲେ





ନୂଆଦିଲ୍ଲୀ : ୬୬ତମ ଜାତୀୟ ପ୍ରତିରକ୍ଷା ମହାବିଦ୍ୟାଳୟ ପାଠ୍ୟକ୍ରମର ଅଧ୍ୟାପକ ଏବଂ ପାଠ୍ୟକ୍ରମ ସଦସ୍ୟମାନେ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଭାଷଣ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଦୃଶ୍ୟପଟ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି, ଯାହା ନୂତନ ଏବଂ ଜଟିଳ ଚ୍ୟାଲେଞ୍ଜ ଆଣିଛି । ଏହି ବିକାଶଗୁଡ଼ିକ ଅଧିକ ପ୍ରସ୍ତୁତି, ରଣନୈତିକ ଦୂରଦୃଷ୍ଟି ଏବଂ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆଇବାର କ୍ଷମତା ଆବଶ୍ୟକ କରେ । ଦ୍ରୁତ ନିଷ୍ପତି ନେବାର ଯନ୍ତ୍ରପାତି ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି କାରଣ ଆଧୁନିକ ଯୁଦ୍ଧର କୌଶଳ ପାରମ୍ପରିକ କ୍ଷେତ୍ର ବ୍ୟତୀତ ସାଇବର ସୁରକ୍ଷା, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ଜୈବ ପ୍ରଯୁକ୍ତିବିଦ୍ୟାରେ ବିସ୍ତାରିତ ହୋଇଛି । ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଜାତୀୟ ସୁରକ୍ଷା ସାମରିକ କ୍ଷମତାଠାରୁ ଅଧିକ ବିସ୍ତାରିତ । ନବସୃଜନକୁ ବ୍ୟବହାରିକ ସମାଧାନରେ ପରିଣତ କରିବା ପାଇଁ ବୈଜ୍ଞାନିକ ପ୍ରତିଷ୍ଠାନ ଏବଂ ସଶସ୍ତ୍ର ବାହିନୀ ମଧ୍ୟରେ ଘନିଷ୍ଠ ସହଯୋଗ ଆବଶ୍ୟକ । ସାମ୍ପ୍ରତିକ ସଂଘର୍ଷଗୁଡ଼ିକ ଉନ୍ନତ ପ୍ରତିରକ୍ଷା ବ୍ୟବସ୍ଥାକୁ ପରିପୂରକ କରୁଥିବା ଏବଂ ଉପଲବ୍ଧ ସମ୍ବଳର ସର୍ବୋତମ ବ୍ୟବହାର କରୁଥିବା ମୂଲ୍ୟ-ପ୍ରଭାବଶାଳୀ ପ୍ରଯୁକ୍ତିର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଛି । ସେ ନବସୃଜନ ଏବଂ ଜାତୀୟ ସୁରକ୍ଷା ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଗବେଷଣା, ବିକାଶ ଏବଂ ନବସୃଜନ ଯୋଜନା ଭଳି ସରକାରୀ ପଦକ୍ଷେପର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ରାଷ୍ଟ୍ରପତି କହିଛନ୍ତି ଯେ ବିଜ୍ଞାନ, ଜାତୀୟ ସୁରକ୍ଷା ଏବଂ ଅର୍ଥନୈତିକ କାର୍ଯ୍ୟକଳାପର ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର ବୃଦ୍ଧି ପାଉଛି । ସେ କହିଛନ୍ତି ଯେ ନିଷ୍ପତି ଗ୍ରହଣ କେବଳ ଏହି ପ୍ରଯୁକ୍ତିବିଦ୍ୟାକୁ ଆଉଟସୋର୍ସ କରାଯାଇପାରିବ ନାହିଁ ଏବଂ ଏକ ସନ୍ତୁଳିତ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଷ୍ଟ୍ରପତି ରେଖାଙ୍କିତ କରିଛନ୍ତି ଯେ ଅର୍ଥନୈତିକ ସ୍ଥିରତା ଜାତୀୟ ସୁରକ୍ଷା ଢାଂଚାର ଏକ ଅବିଚ୍ଛେଦ୍ୟ ଅଂଶ । ସେ କହିଛନ୍ତି ଯେ ଭାରତୀୟ ଅର୍ଥନୀତି ବାହ୍ୟ କାରଣ ଦ୍ୱାରା ସୃଷ୍ଟି ହୋଇଥିବା ବାଧାଗୁଡ଼ିକୁ ଗ୍ରହଣ କରିବା ପାଇଁ ଏହାର କ୍ଷମତା ପ୍ରଦର୍ଶନ କରିଛି । କାର୍ଯ୍ୟର ରଣନୈତିକ ସ୍ୱାଧୀନତା ସହିତ ଆପତି ନକରି ଭାରତ ଏହା ହାସଲ କରିଛି ।

## ବ୍ଲୁମବର୍ଗ ନୂତନ ଅର୍ଥନୀତି ଫୋରମକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ବ୍ଲୁମବର୍ଗ ନୂତନ ଅର୍ଥନୀତି ଫୋରମକୁ ସମ୍ବୋଧିତ କଲେ । ଶ୍ରୀ ମାଇକେଲ ବ୍ଲୁମବର୍ଗଙ୍କ ପୂର୍ବ ମନ୍ତବ୍ୟକୁ ଉଲ୍ଲେଖ କରି, ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ଭାରତରେ ଅନୁଷ୍ଠିତ ହେଉଥିବା ଫୋରମରେ ଆନନ୍ଦ ପ୍ରକାଶ କରିଥିଲେ । ସେ ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ ଅନ୍ତର୍ଜାତୀୟ ବ୍ୟାପାର ସମେତ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବା ପାଇଁ ବିଶ୍ୱର ଉଜ୍ଜ୍ୱଳ ମନକୁ ଏକାଠି କରିବାର ଫୋରମର କ୍ଷମତାକୁ ପ୍ରଶଂସା କରିଥିଲେ । ଶ୍ରୀ ମୋଦି କହିଥିଲେ, 'ମୁଁ ଶ୍ରୀ ବ୍ଲୁମବର୍ଗ ଏବଂ ତାଙ୍କ ସମଗ୍ର ଦଳକୁ ଅଭିନନ୍ଦନ ଜଣାଉଛି । ଆପଣ ସଠିକ ସମୟରେ ସଠିକ ସ୍ଥାନ ବାଛିଛନ୍ତି ।' ଉଦୀୟମାନ ବିଶ୍ୱ ଶକ୍ତି ଉପରେ ଶିଖର ସମ୍ମିଳନୀର ମୌଳିକ ଧ୍ୟାନକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ୨୧ ଶତାବ୍ଦୀର ତୃତୀୟ ଦଶକରେ ଘଟିଥିବା ଗଭୀର ପରିବର୍ତ୍ତନଗୁଡ଼ିକୁ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଆଜି, ପ୍ରଯୁକ୍ତିବିଦ୍ୟା, ତଥ୍ୟ, ଜ୍ଞାନ ଏବଂ ନବସୃଜନ ଶକ୍ତିର ପ୍ରମୁଖ ମାନଦଣ୍ଡ ପାଲଟିଛି । ସେ ଉପସ୍ଥିତ ଲୋକଙ୍କୁ ଏହି ଶକ୍ତିର ମୌଳିକ ଉଦ୍ଦେଶ୍ୟ ପୁନଃବିଚାର କରିବାକୁ ଅନୁରୋଧ କରିଥିଲେ - ଏହାର ଲାଭ କିଛି ଚୟନିତ ଲୋକଙ୍କ ପାଇଁ ସୀମିତ ହେବା ଉଚିତ କି ଏହା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ସୁଯୋଗକୁ ଗଣତାନ୍ତ୍ରିକ କରିବା ଉଚିତ । ସେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମୋଦୀ କହିଥିଲେ ଯେ ଏହାର ଅର୍ଥ



ନିୟନ୍ତ୍ରଣ ବାହାରକୁ ସକ୍ଷମତା ଏବଂ ପ୍ରତିଯୋଗିତା ବାହାରକୁ ସହଯୋଗ ଆଡ଼କୁ ଯିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ମୋଦି କହିଥିଲେ, 'ମୁଁ ଆଜି ଏଠାକୁ ଆସିଥିବା ଦୃଷ୍ଟିକୋଣ ହେଉଛି ନିଜକୁ ସଫଳ କରିବାର ଶକ୍ତି ବାହାରକୁ ଅନ୍ୟମାନଙ୍କୁ ସଫଳ କରିବା ପାଇଁ ସକ୍ଷମ କରିବା ଶକ୍ତି - ସଶକ୍ତ କରିବାର ଶକ୍ତି ।' ପ୍ରଧାନମନ୍ତ୍ରୀ, ଏହି ଦର୍ଶନକୁ ପ୍ରାଚୀନ ସାଂସ୍କୃତିକ ଜ୍ଞାନ ସହିତ ସଂଯୋଗ କରି, ପାରମ୍ପରିକ ସଂସ୍କୃତ ଗ୍ରନ୍ଥଗୁଡ଼ିକୁ ଉଦ୍ଧୃତ କରିଥିଲେ । ସେ କହିଥିଲେ ଯେ ଜ୍ଞାନ, ସମ୍ପତି ଏବଂ ଶକ୍ତିର ପ୍ରକୃତ ମୂଲ୍ୟ କେତେ ନୈତିକ ଭାବରେ ବ୍ୟବହାର କରାଯାଏ ତାହା ଦ୍ୱାରା ନିର୍ଣ୍ଣୟ କରାଯାଏ । ଆଜିର ଜଟିଳ ବିଶ୍ୱ ପରିସ୍ଥିତିର ମୁକାବିଲା ପାଇଁ ଶକ୍ତିର ଏହି ଗଭୀର ଉଦ୍ଦେଶ୍ୟକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ହେଉଛି ଶକ୍ତିର ପ୍ରକୃତ ମୂଲ୍ୟ ଏହାର ଉଦ୍ଦେଶ୍ୟରେ ନିହିତ । ଏହି ପ୍ରାଚୀନ ଚିନ୍ତାଧାରାକୁ ଆଧୁନିକ ଶାସନ ସହିତ ସଂଯୋଗ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ 'ସଶକ୍ତିକରଣ ପାଇଁ ଶକ୍ତି' ଧାରଣା କେବଳ ଏକ ବିଶ୍ୱସ୍ତରୀୟ ମଂଚରୁ ପ୍ରଚାର ନୁହେଁ, ବରଂ ଭାରତୀୟ ସଂସ୍କୃତିରେ ଗଭୀର ଭାବରେ ସନ୍ନିହିତ ଏକ ପରମ୍ପରା, ଯାହା ଦେଶର ଶାସନ ଏବଂ କାର୍ଯ୍ୟ ସଂସ୍କୃତିରେ ସକ୍ରିୟ ଭାବରେ ଗ୍ରହଣ କରାଯାଇଛି । ସେ କହିଥିଲେ ଯେ ସେ ଦେଶର ପ୍ରଗତିରେ ଠୋସ୍ ଉଦାହରଣ ମାଧ୍ୟମରେ ଏହି ପରିବର୍ତ୍ତନକାରୀ ଚିନ୍ତାଧାରାକୁ ଦର୍ଶାଇବେ । 'ତେଣୁ, ମୁଁ ଭାରତରୁ ଉଦାହରଣ ମାଧ୍ୟମରେ ମୋର ମତକୁ ଆଗକୁ ବଢ଼ାଇବି,' ଶ୍ରୀ ମୋଦୀ କହିଥିଲେ ।








# ସୌରଶକ୍ତି କ୍ଷେତ୍ରରେ ଯୁବପିଢ଼ିଙ୍କୁ ଜୀବିକାର୍ଜନର ନୂଆ ପନ୍ଥା ଦେଖାଉଛି TPNODL

ବାଲେଶ୍ୱର,(ନି.ପ୍ର.) ସୌରଶକ୍ତି କ୍ଷେତ୍ରରେ ବଢ଼ୁଥିବା ନିଯୁକ୍ତି ଓ ଜୀବିକା ସୁଯୋଗ ସହ ଗ୍ରାମୀଣ ଯୁବପିଢ଼ିଙ୍କୁ ଯୋଡ଼ିବା ପାଇଁ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ପକ୍ଷରୁ ଚାଲିଥିବା 'ଗ୍ରୀନ୍ ଜବ୍ସ' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସମ୍ପନ୍ନ ହୋଇଛି । ଟାଟା ପାୱାର ସ୍କିଲ୍ ?ଡେଭଲପମେଂଟ ଇନ୍ଷ୍ଟିଚ୍ୟୁଟ୍ (ଟିପିଏସ୍ଡିଆଇ) ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଶେଷ କରିଥିବା ୧୨୦ ଜଣଙ୍କୁ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି ।ସୌରଶକ୍ତି କ୍ଷେତ୍ରର ବିକାଶ ତଥା ପ୍ରୋତ୍ସାହନ ପାଇଁ ଦକ୍ଷ ଏବଂ କୌଶଳୀ କର୍ମୀ ସୃଷ୍ଟି ସହ ଗ୍ରାମୀଣ ଯୁବପିଢ଼ିଙ୍କ ନିଯୁକ୍ତି ସମ୍ଭାବନା ବଢ଼ାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଟିପିଏନ୍ଓଡିଏଲ୍ର ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ




ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଆଠଟି ବ୍ୟାଚ୍ ?ରେ 'ସୋଲାର ସୁପରଭାଇଜର' ଏବଂ 'ସୋଲାର ହେଲ୍ ?ପ ?/ଆସିଷ୍ଟାଂଟ ଟେକ୍ନିସିଆନ୍' ବୃତି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ଶିଳ୍ପ କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶିକ୍ଷାର୍ଥୀମାନଙ୍କୁ ବ୍ୟବହାରିକ ଜ୍ଞାନ ଓ ବୈଷୟିକ କୌଶଳ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିବାବେଳେ ଉତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ଭାରତ ସରକାରଙ୍କ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମ୍ ?ଏନ୍ ?ଆ ?ଇ) ପକ୍ଷରୁ ଜାରି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସମ୍ବର୍ଦ୍ଧନା ସମାରୋହରେ ଟିପିଏନ୍ ?ଓଡିଏଲ୍ ?ର ସିଇଓ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ, ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ନୀଲେଶ ପୋଟଫୋଡେ, ପ୍ରକଳ୍ପ ମୁଖ୍ୟ ଶ୍ରୀ ପ୍ରଦୀପ କୁମାର ମହାନ୍ତି, ସୌରକରଣ ମୁଖ୍ୟ ଯନ୍ତ୍ରୀ ଶ୍ରୀ ରାଜୀବ କୁମାର ନାୟକ ଏବଂ ସିଏସ୍ ?ଆ ? ମୁଖ୍ୟ ଶ୍ରୀ ରଞ୍ଜନ ଶର୍ମା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅର୍ଜିତ ଜ୍ଞାନ ଏବଂ ଦକ୍ଷତାକୁ କାର୍ଯ୍ୟରେ ଲଗାଇ ନବୀକରଣୀୟ ଶକ୍ତି କ୍ଷେତ୍ରରେ ନିଜ ଭବିଷ୍ୟତ ଗଢ଼ିବାକୁ ବରିଷ୍ଠ ଅଧିକାରୀମାନେ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସିଇଓ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଥିଲେ, "ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ସୃଷ୍ଟି ହେଉଥିବା ସୁଯୋଗର ଲାଭ ଗ୍ରାମୀଣ ଯୁବପିଢ଼ିଙ୍କ ନିକଟରେ ପହଂଚାଇବା ପାଇଁ ଉପଯୁକ୍ତ ଦକ୍ଷତାର ବିକାଶ ନିତାନ୍ତ ଜରୁରୀ । 'ଗ୍ରୀନ୍? ଜବ୍ସ ଓ ବୃତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ମାଧ୍ୟମରେ ଯୁବପିଢ଼ିଙ୍କ ନିଯୁକ୍ତି ସମ୍ଭାବନା ବଢ଼ାଇବା ଏବଂ ସ୍ଥାୟୀ ଜୀବିକା ଗଢ଼ିବାରେ ସହାୟତା କରିବା ସଂସ୍ଥାର ମୂଳ ଲକ୍ଷ୍ୟ ।' ସାମାଜିକ ବିକାଶ ଏବଂ ସଶକ୍ତିକରଣ ନେଇ ଟିପିଏନ୍ ?ଓଡିଏଲ୍ ? ପକ୍ଷରୁ ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଥିଲେ । ଏହା ସହିତ ଟିପିଏନ୍ ?ଓଡିଏଲ୍ ? ନିଜ ବିଦ୍ୟୁତ ସେବା ଅଂଚଳର ବାଲେଶ୍ୱର, ଯାଜପୁର, କେନ୍ଦୁଝର, କପ୍ତିପଦା, ବହଳଦା ଓ ଚଢ଼େଇପାହାଡ଼ିରେ ଛଅଟି ବୃତିଗତ ପ୍ରଶିକ୍ଷଣ କେନ୍ଦ୍ର ପରିଚାଳନା କରୁଛି, ଯାହାଦ୍ୱାରା ଏଯାବତ ୪,୩୦୦ରୁ ଅଧିକ ବ୍ୟକ୍ତିବିଶେଷ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇ ଲାଭାନ୍ୱିତ ହୋଇଛନ୍ତି । ପ୍ରଶିକ୍ଷଣ ପରେ ହିତାଧିକାରୀମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଥିବାବେଳେ ଅନ୍ୟମାନେ ସ୍ଥାନୀୟ ଅଂଚଳରେ ନିଜସ୍ୱ ଉଦ୍ୟୋଗ ଓ ବ୍ୟବସାୟ ଆରମ୍ଭ କରିଛନ୍ତି ।

# ବାଲେଶ୍ୱରର ପ୍ରାଚୀନ ଭିତିଚିତ୍ରର ସଂରକ୍ଷଣ ପାଇଁ ପ୍ରତ୍ନତତ୍ୱ ବିଭାଗ ନେଲେ ପଦକ୍ଷେପ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଜିଲ୍ଲାର କଉଡ଼ିପୁର ଗ୍ରାମସ୍ଥିତ ପ୍ରାଚୀନ ବିଶ୍ୱେଶ୍ୱର ମହାଦେବ ମନ୍ଦିରରେ ଠାବ ହୋଇଥିବା ଦୁର୍ଲଭ ଭିତିଚିତ୍ରର ସଂରକ୍ଷଣ ଦିଗରେ ଆଶା ସଂଚାର ହୋଇଛି । ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ୱ ସଂସ୍ଥାର ଏକ ବିଶେଷଜ୍ଞ ଦଳ ମଙ୍ଗଳବାର ପୂର୍ବାହ୍ନରେ ମନ୍ଦିର ପରିଦର୍ଶନ କରି ଭିତିଚିତ୍ରଗୁଡ଼ିକର ପ୍ରାଥମିକ ସର୍ଭେ କରିବା ସହ ସଂରକ୍ଷଣର ଆବଶ୍ୟକତା ଅନୁଧ୍ୟାନ କରିଛନ୍ତି ।ଗତ ୨୯ ତାରିଖରେ ଶିଳ୍ପୀ କେଶୁ ଦାସ ସଦର ବ୍ଲକ୍ ଅନ୍ତର୍ଗତ ଓଡ଼ଙ୍ଗି ପଂଚାୟତର କଉଡ଼ିପୁର ଗ୍ରାମର ବିଶ୍ୱେଶ୍ୱର ମନ୍ଦିରରେ ଏହି ପ୍ରାଚୀନ ଭିତିଚିତ୍ରଗୁଡ଼ିକୁ ଠାବ କରିଥିଲେ । ଏ ସମ୍ପର୍କରେ ଗଣମାଧ୍ୟମ, ବିଭାଗୀୟ ମନ୍ତ୍ରୀ, ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଯିବା ପରେ ପ୍ରତ୍ନତତ୍ୱ ସଂସ୍ଥାର ଅଧିକାରୀମାନେ ଏହାର ଅନୁଧ୍ୟାନ ପାଇଁ ଆସିଥିଲେ । ବିଶେଷଜ୍ଞ ଦଳରେ ରସାୟନବିତ୍ ପଂଚାନନ ମିଶ୍ର, ପ୍ରତ୍ନତତ୍ୱବିତ୍ ଡ. ରୁଦ୍ର ପ୍ରସାଦ ବେହେରା ଓ ରସାୟନବିତ୍ ରଜତ ଯାଦବ ସାମିଲ ଥିଲେ । ସେମାନେ ମନ୍ଦିରରେ ଥିବା ପ୍ରତ୍ୟେକ ଭିତିଚିତ୍ରକୁ



ନିରୀକ୍ଷଣ କରିବା ସହ ଫଟୋ ଉତୋଳନ କରିଥିଲେ । ଏଥିସହ ବିଭିନ୍ନ ଅଂଶର ମାପଚୁପ କରି ଆବଶ୍ୟକ ତଥ୍ୟ ଲିପିବଦ୍ଧ କରିଥିଲେ ।ଏହି ଅବସରରେ ଦଳ ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ ଓ ଅଙ୍କିତ ଦାସଙ୍କ ସହ ଭିତିଚିତ୍ର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସ୍ଥାନୀୟ ଗ୍ରାମବାସୀ ତଥା ବୁଦ୍ଧିଜୀବୀ ସନାତନ ସେଠୀ, ରାଜକିଶୋର ଦାଶ, ରଞ୍ଜନ ସାମଲ ଓ ଆକାଶ ଦାସଙ୍କଠାରୁ ମଧ ମନ୍ଦିରର ଇତିହାସ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିଥିଲେ ।ରସାୟନବିତ୍ ପଂଚାନନ ମିଶ୍ର କହିଥିଲେ ଯେ ପ୍ରାଥମିକ ସର୍ଭେରୁ ଏହା ଓଡ଼ିଶାର ଐତିହ୍ୟ ସମ୍ପନ୍ନ ପ୍ରାଚୀନ ଭିତିଚିତ୍ର ବୋଲି ଜଣାପଡୁଛି । ଏହାର ସଂରକ୍ଷଣ ଅତ୍ୟନ୍ତ ଜରୁରୀ । ଅନ୍ୟପକ୍ଷରେ, ପ୍ରତ୍ନତତ୍ୱବିତ୍ ଡ. ରୁଦ୍ର ପ୍ରସାଦ ବେହେରା କହିଥିଲେ ଯେ ଏ ସମ୍ପର୍କରେ ଖୁବ୍ ?ଶୀଘ୍ର କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରାଯିବ ।ଉଚ୍ଚପଦସ୍ଥ ଅଧିକାରୀ ଓ ସରକାରଙ୍କ ନିଷ୍ପତି ଅନୁଯାୟୀ ସଂରକ୍ଷଣ ପାଇଁ ପରବର୍ତୀ ପଦକ୍ଷେପ ନିଆଯିବ ।ରସାୟନବିତ୍ ରଜତ ଯାଦବ କହିଥିଲେ ଯେ ଭିତିଚିତ୍ରଗୁଡ଼ିକ ପ୍ରାଚୀନ ବୋଲି ଜଣାପଡୁଥିଲେ ମଧ ଏହାର ପ୍ରକୃତ ସମୟ ନିର୍ଣ୍ଣୟ କରିବା ପାଇଁ ଆହୁରି କିଛି ପରୀକ୍ଷା ଓ ଅଧ୍ୟୟନର ଆବଶ୍ୟକତା ରହିଛି ।କଉଡ଼ିପୁରର ବିଶ୍ୱେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ ପରେ ବିଶେଷଜ୍ଞ ଦଳ ବାଲେଶ୍ୱର ସହରର ପ୍ରାଚୀନ ଶ୍ୟାମସୁନ୍ଦର ଜୀଉ ମନ୍ଦିର ମଧ ପରିଦର୍ଶନ କରି ଭୁବନେଶ୍ୱର ଫେରିଯାଇଥିଲେ । ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ବଙ୍ଗୀୟ, ଉତ୍କଳୀୟ ଏବଂ ଉଭୟ ଶୈଳୀର ମିଶ୍ରଣରେ ନିର୍ମିତ ଅନେକ ପ୍ରାଚୀନ ମନ୍ଦିର ରହିଛି । ଏହି ମନ୍ଦିରଗୁଡ଼ିକର ସ୍ଥାପତ୍ୟ ଓ କାରୁକାର୍ଯ୍ୟ ଜିଲ୍ଲାର ସମୃଦ୍ଧ ଐତିହ୍ୟକୁ ପ୍ରତିଫଳିତ କରୁଥିବାବେଳେ କଉଡ଼ିପୁରର ଭିତିଚିତ୍ର ଆବିଷ୍କାର ଏହି ଐତିହ୍ୟର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସାମ୍ନାକୁ ଆଣିଛି ।

# ପୀତାମ୍ବରୀ ପୀଠରେ ମାଆଙ୍କ ନବରାତ୍ର ପୂଜା ଆରମ୍ଭ

ବାଲେଶ୍ୱର,(ନି.ପ୍ର.) ଦୁର୍ଗତି ନାଶିନୀ ମାଆ ଦୁର୍ଗାଙ୍କର ଶାରଦୀୟ ପୂଜା ଅବସରରେ ପ୍ରତିପଦ ତିଥିଠାରୁ ବିଭିନ୍ନ ଶକ୍ତିପୀଠାରେ ଆରମ୍ଭ ହୋଇଛି ନବରାତ୍ର ପୂଜା । ପ୍ରାତଃକାଳରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହିତ ଚାଲିଛି ମାଆଙ୍କ ପୂଜାର୍ଚ୍ଚନା । ବ୍ରତଧାରୀମାନେ ଭକ୍ତିର ସହ କରୁଛନ୍ତି ମା'ଙ୍କର ଆରଧନା । ଏହିକ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୁଳିଆ ସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରୀ ସିଦ୍ଧ ମହାଶକ୍ତି ପୀଠରେ ରୀତିନୀତି ଅନୁସାରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ପ୍ରାତଃରେ ପଂଚ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଘଟ ଓ ମଣ୍ଡଳ



ସ୍ଥାପନ ସହ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥିଲା । ସେହିପରି ସଂଧ୍ୟାରେ ସପ୍ତସତୀ ଚଣ୍ଡିପାଠ ଓ ରାତିରେ ୧୦୮ ଆହୁତି ଆଦି କର୍ମକାଣ୍ଡ ମାଧ୍ୟମରେ ପ୍ରଥମ ଦିନରେ ପୀଠର ଅଧିଷ୍ଠାତ୍ରୀ ମା' ବଗଳାମୁଖୀଙ୍କର ପୂଜାର୍ଚ୍ଚନା କରାଯାଇଛି । ପଣ୍ଡିତଙ୍କ ବେଦମନ୍ତ୍ରରେ ସମଗ୍ର ପରିବେଶ ହୋଇ ଉଠିଥିଲା ମନ୍ତ୍ରମୟ । ମାଆଙ୍କର ନବଶକ୍ତିକୁ ଶ୍ରଦ୍ଧାର ସହ ଆହ୍ୱାନ ପୂର୍ବକ ଏଠାରେ ପୂଜା କରାଯାଉଛି । ପ୍ରଥମ ଦିନରେ ମା' ବଗଳାମୁଖୀଙ୍କୁ ଶୈଳପୁତ୍ରୀ ସ୍ୱରୂପରେ ପୂଜା କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚନ୍ଦ୍ରଘଂଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡା, ପଂଚମ ଦିନରେ ସ୍କନ୍ଦମାତା, ଷଷ୍ଠରେ ମା' କାତ୍ୟାୟନୀ, ସପ୍ତମରେ ମା' କାଳରାତ୍ରି, ଅଷ୍ଟମରେ ମହାଗୌରୀ ଏବଂ ନବମ ଦିବସରେ ଆଦିଶକ୍ତି 'ସିଦ୍ଧିଦାତ୍ରୀ' ସ୍ୱରୂପରେ ମା'ଙ୍କୁ ଅର୍ଚ୍ଚନ କରାଯିବ ବୋଲି ପୀତାମ୍ବରୀ ମହା ଶକ୍ତିପୀଠ ପକ୍ଷରୁ ସୂଚନା ଦିଆଯାଇଛି ।

# ଜଙ୍ଗରାଇ ସାର୍ବଜନୀନ ଦୂର୍ଗାପୂଜା ପାଇଁ ପ୍ରସ୍ତୁତି

ବାଲେଶ୍ୱର(ନିପ୍ର) ବାଲେଶ୍ୱର ରେମୁଣା ବ୍ଲକ ଅନ୍ତର୍ଗତ ଚଷାଖଣ୍ଡ ଜଙ୍ଗରାଇ ଗ୍ରାମରେ ସାର୍ବଜନୀନ ଦୁର୍ଗାପୂଜାପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ଚଳିତ ବର୍ଷ ଏହି ପୂଜା ଧୁମଧାମରେ ପାଳନ କରାଯିବା ପାଇଁ ଆୟୋଜନ କରାଯାଇଛି । ମୁଖ୍ୟତଃ ଏ ଅଂଚଳରେ ଭାଇଚାରା ଅର୍ଥାତ୍ ହିନ୍ଦୁ ମୁସଲିମ୍ଙ୍କ ମିଳିତ ସହଯୋଗରେ ୨୦୧୯ରେ ସ୍ଥାପିତ ହୋଇଥିଲା ସାର୍ବଜନୀନ ଦୁର୍ଗାପୂଜା କମିଟି । ଏହିବର୍ଷ ୫ମ ବର୍ଷରେ ମା'ଙ୍କ ପୂଜା ପଦାର୍ପଣ କରିଥିବା ବେଳେ ଗ୍ରାମବାସୀମାନେ ପ୍ରଶାସନର ଗାଇଡଲାଇନକୁ ଆଖି ଆଗରେ ରଖି ଶାନ୍ତି ଶୃଙ୍ଖଳା ମଧ୍ୟରେ ଜଗତଜନନୀ ମା' ଦୁର୍ଗାଙ୍କ




ଶରତ କାଳୀନ ବାର୍ଷିକ ପୂଜା ପାଳନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ଜଙ୍ଗରାଇ ଦୁର୍ଗାପୂଜା କମିଟି ପକ୍ଷରୁ । ପାଖାପାଖି ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ ବୋଲି ଅଟକଳ ହୋଇଛି । ଅପରପକ୍ଷରେ ମାତ୍ର କେତେଜଣ ବ୍ୟକ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୨୦୧୯ରେ ଜଙ୍ଗରାଇରେ ସାର୍ବଜନୀନ ଦୁର୍ଗାପୂଜା ପାଇଁ ନିଷ୍ପତି ନିଆଯାଇଥିଲା । ଆସନ୍ତା ୧୬ ତାରିଖ ବେଲବରଣ, ୧୭ ତାରିଖ ମହାସପ୍ତମୀ, ୧୮ ତାରିଖ ବିଶ୍ରାମ ପୂଜା, ୧୯ ତାରିଖ ଅଷ୍ଟମୀ ପୂଜା ଓ ସନ୍ଧିପୂଜା ଏବଂ ୨୦ ତାରିଖ ମହାନବମୀ, ୨୧ ତାରିଖ ବିଜୟା ଦଶମୀ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ସୁଉଚ୍ଚ ଦ୍ୱରଣ ସାଙ୍ଗକୁ ମା'ଙ୍କ ମୂର୍ତି ଖୁବ୍ ଚିତାକର୍ଷକ ହୋଇଛି । ଏ ଅଂଚଳରେ କେବଳ ଜଙ୍ଗରାଇ ନୁହେଁ ଏହା ବ୍ୟତୀତ ଫୁଲାଡ଼ିଛକ, ଦହପଡ଼ାଛକ, ନିଧିପଣ୍ଡାଛକ, ପଦାବଡ଼ଗାଁଛକ ଓ ଗ୍ରାମ, ଓଲନ୍ଦାସାରଗାଁ, ତ୍ରିବେଣୀ, କଳମା, ଗଡ଼ଦେଉଳିଆ, ବୈଶିଙ୍ଗା, ପଦ୍ମପୁର, ସାହୁପଡ଼ା, ଦୁମୁଦା, ଚଣ୍ଡିପୁର, ବାଲିସୁଆଁ ମହିଁସାସୁର ଯେଉଁଠାରେକି ମାର୍ବଲର ଦୁର୍ଗା ମୂର୍ତି ପୂଜା ପାଇବେ । ସେଥିପାଇଁ ଏ ଅଂଚଳରେ ପୂଜା ନିମନ୍ତେ ସାଜସଜ୍ଜା, ସୁଉଚ୍ଚ ତୋରଣ, ଉଜ୍ଜ୍ୱଳ ଆଲୋକମାଳା, ଯାନିଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ସବୁକିଛି ପାଇଁ ଅଂଟାଭିଡ଼ିଛନ୍ତି ଶ୍ରଦ୍ଧାଳୁଭାନେ ।

# ବାଲେଶ୍ୱରରେ ଦୂର୍ଗାପୂଜା

ବାଲେଶ୍ୱର,(ନି.ପ୍ର.) ଭାସ୍କରଗଞ୍ଜ:- ୧୯୭୩ ମସିହାରେ ଭାସ୍କରଗଂଜ ସାର୍ବଜନୀନ ଦୁର୍ଗାପୂଜା ପ୍ରତିଷ୍ଠା କରାଯାଇଥିବା ବେଳେ ଏବେ ୫୬ବର୍ଷରେ ପହଂଚିଛି । ଯଦିଓ ରୌପ୍ୟ ଜୟନ୍ତୀ ଶେଷ ହୋଇଛି । ସୁବର୍ଣ୍ଣ ଜୟନ୍ତୀକୁ ଅପେକ୍ଷା । ଦେବେନ୍ଦ୍ର ନାଥ ମହାନ୍ତି, ବିନୟକୃଷ୍ଣ ମହାପାତ୍ର । ଯେଉଁମାନେକି ପ୍ରତିଷ୍ଠାତା ଥିବାବେଳେ ପ୍ରଥମେ ୩୦ହଜାର ଟଙ୍କାରେ ପୂଜା ଆରମ୍ଭ ହୋଇଥିଲା । ଏଠାରେ ୭ଜଣ ବ୍ରାହ୍ମଣ ନିଯୁକ୍ତ ହୁଅନ୍ତି । ଏହାର ଭସାଣି ଉତ୍ସବ ନୁଣିଆରୋଡ଼ି ଠାରେ ହୋଇଥାଏ ।

ରାଣୀପାଟଣା: ୨୦୦୧ ମସିହାରେ ରାଣୀପାଟଣାରେ ସାର୍ବଜନୀନ ଦୁର୍ଗାପୂଜା ପ୍ରତିଷ୍ଠା ହୋଇଥିଲା । ୨୬ବର୍ଷରେ ପୂଜା ପଦାର୍ପଣ କରିଥିବା ବେଳେ ଏଠାରେ ୨ଟି ଦୁର୍ଗାମା'ଙ୍କ ପୂଜା ପାଉଥିଲା ବେଳେ ସିନ୍ଦୁରଖେଳ ଏହାର ଭସାଣି ଉତ୍ସବ ନୁଣିଆଯୋଡ଼ି ଠାରେ ହୋଇଥାଏ । ସଭାପତି ଜୟପ୍ରକାଶ ଦାଶ, ସମ୍ପାଦକ ସେଖ୍ ଗ୍ୟାସୁଦ୍ଦିନ । ଏଠାରେ ଠାକୁରଙ୍କ ମୁକୁଟ ତୋରଣ



ପାଖାପାଖି ୪୦ଫୁଟ, ପଶ୍ଚିମବଙ୍ଗର କାରିଗର, ୧୩ଫୁଟରୁ ମୂର୍ତି ତିଆରି ଇତ୍ୟାଦି କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି ।

ହେମକାପଦା ଛକ: ୧୯୯୬ ମସିହାରେ ହେମକାପଦା ସାର୍ବଜନୀନ ଦୁର୍ଗାପୂଜା ପ୍ରତିଷ୍ଠା କରାଯାଇଥିଲା । ଲକ୍ଷ୍ମଣ ନାୟକ, ବ୍ରଜ ବିହାରୀ ଦାସ, ଦୀପକ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପୂଜାରେ ଏକ ସ୍ୱତନ୍ତ୍ରତା ରହିଛି । ଉଜ୍ଜ୍ୱଳ ଆଲୋକମାଳା, ସୁଉଚ୍ଚ ତୋରଣ, ସାଜସଜ୍ଜା ଓ ବିଧିବିଧାନ ଅନୁଯାୟୀ ଏଠାରେ ପୂଜାର ଡାଲା ଅଧିକ ଲାଗୁଥିବା ବେଳେ ମା'ଙ୍କର ମେଢ଼ ଗଡ଼ଗଡ଼ିଆ ଦେଇ ଫକୀରମୋହନ କଲେଜ ରୋଡ଼ ହୋଇ ସିନେମା ଛକ ଦେଇ ବାଲିଘାଟ ଠାରେ ମେଢ଼ ଭସାଣି ହୋଇଥାଏ ।

ଦର୍ଜିପୋଖରୀ : ୨୦୧୪ ମସିହାରେ ସହଦେବଖୁଂଟା ଥାନା ଅନ୍ତର୍ଗତ ଦର୍ଜିପୋଖରୀ ମା' ଦୁର୍ଗାଙ୍କର ବାର୍ଷିକପୂଜା ଆରମ୍ଭ ହୋଇଥିଲା । ଚଳିତ ବର୍ଷ ୧୨ ବର୍ଷରେ ଏହି ପୂଜା ପଦାର୍ପଣ କରୁଥିବା ବେଳେ ଏହାର ବଜେଟ ୭ଲକ୍ଷ ଟଙ୍କା ରଖାଯାଇଛି । ମୁଖ୍ୟ ଆକର୍ଷଣ ହେଉଛି ସାଜସଜା ସହ ମା'ଙ୍କ ପୂଜା, ନବରାତ୍ର ପୂଜା, ପ୍ରସାଦ ସେବନ ଇତ୍ୟାଦି କାର୍ଯ୍ୟକ୍ରମ । ପ୍ରକାଶଯେ ନିର୍ମଳ ମହାନ୍ତି (ଶିବୁ ଭାଇ)ମା'ଙ୍କର ମୂର୍ତି ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ବେଳେ ଗ୍ରାମବାସୀମାନଙ୍କ ଦାନରେ ଏହି ପୂଜା ଅନୁଷ୍ଠିତ ହେଉଛି ।

# ସ୍ୱର୍ଗତ ଅଶୋକ କୁମାର ପାଣିଗ୍ରାହୀଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଜଂଳି ସମାରୋହରେ ଅନୁଷ୍ଠିତ !

ଜଳେଶ୍ୱର, (ନି.ପ୍ର ) ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ପଂଚା ଯତ ସ୍ଥିତ ଖୁଲୁଡା ଗ୍ରାମ ସଭା ତଥା ବାଗୀଶ୍ୱରୀ ସଂସ୍କୃତ ମହା ବିଦ୍ୟାଳୟ, ଶାଳିକେ !ଠା ମିଳିତ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହେ !ଇଯାଇଅଛି !ଉକ୍ତ ସମାରୋହ ରେ ସଭାପତିତ୍ୱ କରିଥିଲେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟ ର ଅଧକ୍ଷ ଡ. ବିବେକାନନ୍ଦ ସାହୁ ବକ୍ତବ୍ୟ କହିଥିଲେ ସ୍ୱର୍ଗତ ଅଶୋକ କୁମାର ପାଣି ଗ୍ରାହୀ କଂ ସମ୍ପର୍କ ରେ ଦୀର୍ଘ ୩୧ ବର୍ଷ ଧରି କିରାଣୀ ଭାବ ରେ କାଯ୍ୟ କରି ୨୦୧୯ରେ ଅବସର ନେଇଥିଲେ !ସେ ୬୬ ବର୍ଷ ବୟସରେ ପରଲୋକ ଗମନ କଲେ ! ଅବସର ପରେ ଅବୈତନିକ ଭାବେ ସେ ପ୍ରତିଦିନ କଲେଜ ଆସି ନିଷ୍ଠା ର ସହ ବିଭିନ୍ନ କାଯ୍ୟ ପରି ଚାଳନା ରେ ସହାୟତା କରୁ ଥିଲେ ! ଅମାୟିକ,ଭଦ୍ର,ନମ୍ର ତଥା ଉତମ ବ୍ୟବହାର ଓ କର୍ମନିଷ୍ଠ ପାଇଁ କଲେଜ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ର ଛାତ୍ରୀ ଏପରିକି ସାଧା ରଣ ଲୋକ କଂ ମଧ୍ୟରେ ବଡବାବୁ ଭାବେ ପରିଚିତ ଥିଲେ ବୋଲି ସ୍ମୃତି ଚାରଣ ସଭାରେ ସମସ୍ତ ଅତିଥି ମାନେ ବକ୍ତବ୍ୟ ରେ ପ୍ରକାଶ କହି ଥିଲେ ! ସେ ଆମ ମହା ବିଦ୍ୟା ଳୟ ରେ ସମସ୍ତ ପ୍ରଗତି କାଯ୍ୟ ରେ ଧୂରୀଣ ଥିଲେ ତାକୁ ଆମେ ସମସ୍ତେ ଚାଣକ୍ୟ ବେ! ଲି ବିବେଚନା କରୁଥିଲୁ! କିରାଣୀ ଭାବେ କାର୍ଯ୍ୟ କରୁଥିଲେ ମଧ ଶିକ୍ଷକ ଅନୁପସ୍ଥିତ ରେ ଶ୍ରେଣୀ ପ୍ରକେ!ଷ୍ଠ ରେ ମଧ ପିଲା ମାନଙ୍କୁ ପାଠ ପଢାଉ ଥିଲେ !ମୁଖ୍ୟ ଅତିଥି ଭାବ ରେ ଦୀନକ ?ଷ୍ଣ ସ୍ମୃତି ପରି ଷଦ ର ସମ୍ପାଦକ ପ୍ରାଧ୍ୟା ପକ ବିପିନ ବିହାରୀ ବିଶ୍ୱାଳ ସ୍ମୃତିଉଦ୍ଦେଶ୍ୟ ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଥିଲେ ! ମୁଖ୍ୟ ବକ୍ତା ଭାବରେ ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ ଡ ଅଜିତ କୁମାର ମହନ୍ତି ସ୍ମୃତି ଚାରଣ କରି ବକ୍ତବ୍ୟ ରେ କହିଥିଲେ ସ୍ୱର୍ଗତ ଅଶୋକ କୁମାର ପାଣିଗ୍ରାହୀ କିପରି ଜଣେ ମଣିଷ ତିଆରି କାର ଖାନା ର ଅନ୍ୟତମ କର୍ଣ୍ଣଧାର ତଥା ପୌଷ ଆକାଶ ର ତୋଫା ଜହ୍ନ ଓ ଆମ ସୁବର୍ଣ୍ଣ ରେଖାର ସୁନାମୁଖୀ ବାଲି ପଠାର କାଶତଣ୍ଡୀ ଫୁଲ ଭଳି ଶୁଭ୍ର ବଳିଷ୍ଠ ବ୍ୟକ୍ତିତ୍ୱ ତାହା ବିଷୟରେ ଆଲୋକ ପାତ କରାଇଥିଲେ !ସେ ଆହୁରି ମଧ କହିଥିଲେକି ସ୍ୱର୍ଗତ ଅଶୋକ କୁମାର ପାଣିଗ୍ରାହୀ ମହୋଦୟ ଜଣେ ଛଳହୀନ କୂଟ କପଟଶୁନ୍ୟ ଓ ବିଶୁଦ୍ଧ ଆନ୍ତରିକତାରେ ଭରପୁର ମାନଚିତ୍ର. ଅକୁଣ୍ଠ ଭଲପାଇବା ଓ ଅକାର୍ପଣ୍ୟ ସେବା ତାଙ୍କ ଜୀବନକୁ କରିଛି ଭୂମିରୁ ଭୂମା ପର୍ଯ୍ୟନ୍ତ ପରି ବ୍ୟାପ୍ତ. ପ୍ରସୂନର ପ୍ରଫୁଲ୍ଲିତ କୋମଳତା, ଝରଣାର ରମ୍ୟ ରମଣୀୟତା ଓ ମୃର୍ତିକାର ମମତାମୟୀ ମାତୃତ୍ୱ ଭରା ମହନୀୟତାରେ ସେ ଛିଡ଼ା କରିଥିଲେ କୋଣ ଅନୁକୋ ଣରେ ଉପମନ୍ୟୁ ଓ ନଚିକେତା ମାନଙ୍କୁ ବେ !ଲି ପ୍ରକାଶ କରି ଥିଲେ !ଆଗାମୀ ଶ୍ରାଦ୍ଧ ବାର୍ଷିକ ରେ ଏକ ସ୍ମରଣିକା ପ୍ରକାଶ ପାଇଁ ପ୍ରସ୍ତାବ ସହ ଏକ ତୈଳଚିତ୍ର ବାଗିଶ୍ୱରୀ ସଂସ୍କୃତ ମହା ବିଦ୍ୟାଳୟ ଅଫିସ ଗ ?ହରେ ଲଗାଇବା ର ପ୍ରସ୍ତାବ ରଖିଥିଲେ !ସମ୍ମାନିତ ଅତିଥି ଅଧ୍ୟା ପକ ସତ୍ୟ ମୟ ଆଚାର୍ଯ୍ୟ,ଡ ଗୁରୁ ପ୍ରସାଦ ରାଉଳ, ହର ନାରାୟଣ ସିଟ୍,ଶାଳିକେ !ଠା ଗ୍ରାମ ମୁଖ୍ୟ ଗଣେଶ ଚଂଦ୍ର ପରିଡା,ଡ ପଦ୍ମନାଭ ପ୍ରଧାନ, ଲେଲିନ କୁମାର ପ୍ରଧାନ, ଅଧ୍ୟାପକ କାର୍ତିକେଶ୍ୱର ପାତ୍ର,ପୂର୍ଣ୍ଣ ଚଂଦ୍ର ପ୍ରଧାନ, ଯଦୁନାଥ ପାତ୍ର, ଭୂପତି ମିର୍ଦ୍ଧା, ରବିନାରାୟଣ ଆଚାର୍ଯ୍ୟ, ରବିନକୁମାର ମିଶ୍ର, ଉମାକାନ୍ତ ସିଟ, ଅନନ୍ତ କୁମାର ଆଚାର୍ଯ୍ୟ ବିଶ୍ୱମ୍ଭର ଆତାର୍ଯ୍ୟ,ଅଂଜନ କୁମାର ପ୍ରଧାନ,ସଂଜୟ କୁମା ର ପାଢ଼ୀ,ଗୈ !ତମ ରା ଉଳ,ମାନସ ପାଣିଗ୍ରାହୀ, ଚଂଦ୍ରଶେଖର ଆଚାର୍ଯ୍ୟ, କମଳାକାନ୍ତ ସାମଲ,ଶିବ ଶଙ୍କର ଗିରି, ଶମ୍ଭୁ ନାଥ ବେହେରା, ବିନୀତା ଦାସ, ଅଧ୍ୟାପିକା ସୁସମା ରାଣୀ ଦାସ ପ୍ରଭ ?ତି ବ୍ୟକ୍ତି ମାନେ ଫଟୋ ଚିତ୍ର ରେ ପୂଷ୍ପ ମାଲ୍ୟ ଅର୍ପଣ କରି ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ପ୍ରଥମେ ଦିବଂଗତ ଆତ୍ମା କଂ ଉଦ୍ଦେଶ୍ୟ ରେ ଏକ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା ! ସ୍ୱର୍ଗତ ଅଶୋକ କୁମାର ପାଣିଗ୍ରାହୀ କଂ ଅବସରରେ ସମୟରେ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ସମ୍ବର୍ଦ୍ଧନା ପତ୍ର ଦୁଇଟି ଘରକୁ ଆଣିନଥିଲେ ଆଜି ଭଳି ଦିନରେ ତାକଂର ପୁତ୍ର କନ୍ୟା ହସ୍ତରେ ସମସ୍ତ ଅତିଥି ମାନଙ୍କ ଉପସ୍ଥିତ ରେ ପ୍ରଦାନ କରାଯାଇଥିଲା ! ଶେଷରେ ଆଜି ଭଳି ଶେ !କାକୂଳ ପରିବେଶରେ ସମସ୍ତେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ସଭାପତି ସଭାସାଙ୍ଗ କରିଥିଲେ. ।

## ସ୍ୱର୍ଣ୍ଣଚୁଡ଼ କଲେଜରେ ସାଇନ୍ଡ଼ାଏ ଘୋଷଣା: ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କଲେଜ ବନ୍ଦ

ନୀଳଗିରି, (ନି.ପ୍ର) କଲେଜରେ ଛାତ୍ରନିର୍ବାଚନ ପାଇଁ କ୍ୟାମ୍ପସ ସରଗରମ ହୋଇପଡ଼ିଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ମିତ୍ରପୁର ସ୍ଥିତ ସ୍ୱର୍ଣ୍ଣଚୁଡ଼ କଲେଜରେ ଛାତ୍ର ଅଶାନ୍ତିକୁ ନେଇ ସାଇନ୍ ଡାଏ ଘୋଷଣା କରିଛନ୍ତି କଲେଜ କର୍ତୃପକ୍ଷ । ମଙ୍ଗଳବାର ୧୩ତାରିଖ କିଛି ବିସିଜେଡି ଛାତ୍ରଛାତ୍ରୀ କ୍ୟାମ୍ପସ ପରିସରରେ ଏଆଇ ଜେନେରେଟେଡ ପୁସିଂ କାର୍ଡ ବାଂଟିବାକୁ ନେଇ ଏବିଭିପି ଛାତ୍ରଛାତ୍ରୀ ବିରୋଧକରି ଅଧକ୍ଷାଙ୍କ ଠାରେ ଅଭିଯୋଗ କରିବାସହିତ କଲେଜ ଗେଟରେ ତାଲା ପକାଇ ଦେଇଥିଲେ । କଲେଜରେ ଅଶାନ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ୍ ନଂ. ୧୪୪, ରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ସମସ୍ତ ଛାତ୍ରଛାତ୍ରୀଙ୍କୁ ତୁରନ୍ତ କଲେଜ କ୍ୟାମ୍ପସ ଏବଂ ହଷ୍ଟେଲ ଖାଲି କରି ନିଜ ନିଜ ଘରକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ହଷ୍ଟେଲରେ ରହୁଥିବା ଛାତ୍ରମାନେ ହଷ୍ଟେଲ ଅଧୀକ୍ଷକଙ୍କ ଠାରୁ ଆବଶ୍ୟକ ଅନୁମତି ନେଇ ରୁମ୍ ଖାଲି କରିବେ । ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସମସ୍ତ ପାଠ୍ୟକ୍ରମ, ପରୀକ୍ଷା, ବୈଠକ ଏବଂ ଅନ୍ୟାନ୍ୟ ଏକାଡେମିକ୍ ଓ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ସ୍ଥଗିତ ରଖାଯାଇଛି । ଏହି ଅବଧି ମଧ୍ୟରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ କଲେଜ କ୍ୟାମ୍ପସରେ ଏକତ୍ରିତ ନହେବାକୁ ପରାମର୍ଶ ଦିଆଯାଇଛି ।

# ବିଜେପିର ଝୁମ୍ପୁରା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ



କେନ୍ଦୁଝର(ନିପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଳଦ ହାଟ ପଡିଆ ଠାରେ ଭାରତୀୟ ଯ ଜନତା ପାର୍ଟି (ବିଜେପି) ର ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ମଣ୍ଡଳ ସଭାପତି ଉମାକାନ୍ତ ମହାନ୍ତ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କେନ୍ଦୁଝର ଜିଲ୍ଲା ବିଜେପିର ଉପ ସଭାପତି ତଥା ଝୁମ୍ପୁରା ମଣ୍ଡଳ ପ୍ରଭାରୀ ବିବେକାନନ୍ଦ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି କେନ୍ଦୁଝର ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, କେନ୍ଦୁଝର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସୁନୀଲ କୁମାର ମହାନ୍ତ , କେନ୍ଦୁଝର ଜିଲ୍ଲା ଉପ ସଭାପତି ପଂଚାନନ ସାହୁ,ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟନାୟକ, ଝୁମ୍ପୁରା ମଣ୍ଡଳ ଦୁଇ ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା ଏବଂ ପୁଷ୍ପ ମହାନ୍ତ, କେନ୍ଦୁଝର ଜିଲ୍ଲା ଯୁବ ମୋର୍ଚ୍ଚା ଉପ ସଭାପତି ଅନିନ୍ଦ୍ୟ ବେହେରା, କେନ୍ଦୁଝର ଜିଲ୍ଲା ଏସ୍.ସି. ମୋର୍ଚ୍ଚା ସଭାପତି ଶାନ୍ତନୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପିର ଝୁମ୍ପୁରା ମଣ୍ଡଳର ସଭାପତି ଉମାକାନ୍ତ ମହାନ୍ତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ପ୍ରଭାରୀ ବିବେକାନନ୍ଦ ମହାନ୍ତ ଦଳୀୟ ସଙ୍ଗଠନକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ଦିଗରେ କାର୍ଯ୍ୟକର୍ତ୍ତା ମାନଙ୍କୁ ଦିଗ ଦର୍ଶନ ଦେଇଥିଲେ । ମଂଚ ପରିଚାଳନା ଝୁମ୍ପୁରା ମଣ୍ଡଳ ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା କରିଥିଲ ।ବୈଠକରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା, ଆଗାମୀ ଦିନର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଏବଂ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ଉପରେ ବିସ୍ତୃତ୍ୱ ଆଲୋଚନା ହୋଇଥିଲା ଏଥିସହ ସ୍ଥାନୀୟ ଅ*ଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟକର୍ତ୍ତା ମାନେ ଆଗଭର ହୋଇ ଲୋକଙ୍କ ସହ ଯୋଡ଼ି ହେବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ । ବୈଠକରେ ରେ ମଣ୍ଡଳ ଅଧୀନରେ ଥିବା ବହୁ ବରିଷ୍ଠ ନେତା, ପଂଚାୟତ ସ୍ତରୀୟ ପ୍ରତିନିଧି ଓ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତଥିଲେ ।

# ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କଲେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା



ନୟାଗଡ଼(ନିପ୍ର): ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ସ୍ମିତା ରାଉତ ଆଜି ନୟାଗଡ଼ ଜିଲ୍ଲାର ବିଭିନ୍ନ ପିଏମ୍ ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାକାର୍ଯ୍ୟର ନିରୀକ୍ଷଣ ଓ ସମୀକ୍ଷା କରିଥିଲେ । ଏହି ପରିଦର୍ଶନ ସମୟରେ ପି ଏମ୍ ଶ୍ରୀ ବ୍ରଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରଣପୁର, ପି ଏମ୍ ଶ୍ରୀ ପଂଚାୟତ ଉଚ୍ଚ ବିଦ୍ୟାଳୟ, ଗୋପାଳପୁର, ପି ଏମ୍ ଶ୍ରୀ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଗାଁ, ପି ଏମ୍ ଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳ ଆଦି ବିଦ୍ୟାଳୟ ଗୁଡ଼ିକ ପରିଦର୍ଶନ କରିଥିଲେ । ସରକାରଙ୍କର ବିଭିନ୍ନ ଯୋଜନା ଗୁଡ଼ିକ ଓ ପି ଏମ୍ ଶ୍ରୀ ବିଦ୍ୟାଳୟର ସୁପରିଚାଳନା ପାଇଁ ମତ ବ୍ୟକ୍ତ କରିବା ସହ ଭିତିଭୂମିକୁ ଗୁରୁତ୍ୱ ଦେଇଥିଲେ । ସରକାରୀ ବିଦ୍ୟାଳୟ ଗୁଡ଼ିକର ଭିତିଭୂମି ସୃଦୁଢ କରିବା ପାଇଁ ଅନ୍ୟ ବିଭାଗ ସହ ସହଯୋଗ କରିବା ପାଇଁ ଉପଦେଶ ଦେଇଥିଲେ । ପରିଦର୍ଶନ ସମୟରେ ଶିଶୁ ବାଟିକା କାର୍ଯ୍ୟକ୍ରମ ସୁଚାରୁ ଭାବେ ଚାଲୁଥିବା ଦେଖା ଯାଇଥିଲା । ଖେଳାଧାରିତ ଶିକ୍ଷା ପ୍ରଣାଳୀ ଓ ଟିଚିଂ-ଲର୍ଣ୍ଣିଂ ମେଟେରିଆଲ (ଯାଦୁ ପେଟି) ବ୍ୟବହାର ବ୍ୟାପକ ଭାବରେ ହେଉଥିବା ସହ ସମସ୍ତ ବିଦ୍ୟାଳୟ ର ଧନ୍ଦାମୂଳକ ଶିକ୍ଷା ଲ୍ୟାବ ଗୁଡିକୁ ଦେଖି ଖୁସି ହୋଇଥିଲେ । ସମସ୍ତ ବିଦ୍ୟାଳୟରେ ଶିକ୍ଷଣ ସୋପାନ ରେଜିଷ୍ଟର ରଖାଯାଇ ଥିବା ସହ ପଠନ ଅଭିଯାନ ଓ ରିମେଡିଆଲ ସହାୟତା ସକ୍ରିୟ ଭାବେ କାର୍ଯ୍ୟକାରୀ ହେଉଥିବା ଦେଖିଥିଲେ । ତାଙ୍କ ସହ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବନଲତା ବେହେରା ଉପସ୍ଥିତ ଥିଲେ ।

# ସାମ୍ବାଦିକ ମିଳିତ ମହାମଂଚ ତରଫରୁ ଗଣ ଧାରଣା




ବାରିପଦା(ନିପ୍ର): ସାମ୍ବାଦିକମାନଙ୍କ ସ୍ୱାଭିମାନ, ସ୍ୱାର୍ଥ ଓ ସୁରକ୍ଷା ଦାବି ନେଇ ଆଜି ବାରିପଦାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ମିଳିତ ମହାମଂଚ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଜିଲ୍ଲାର ୪ଟି ଉପଖଣ୍ଡ ଓ ୨୬ଟି ବ୍ଲକରୁ ଶହ ଶହ ସାମ୍ବାଦିକ ଯୋଗଦେଇ ପ୍ରଶାସନ ବିରୋଧରେ ବିଷଦାଗାର ବଖାଣିଛନ୍ତି । ମହାମଂଚରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ), ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ), କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ଏବଂ ଓଡ଼ିଶା ଡିଜିଟାଲ ମିଡ଼ିଆ ମହାସଂଘ ଭଳି ପ୍ରମୁଖ ସାମ୍ବାଦିକ ସଂଗଠନର ସାମ୍ବାଦିକ ମାନେ ସାମିଲ ହୋଇ ସାମ୍ବାଦିକଙ୍କ ପ୍ରତି ଅବହେଳା ସମ୍ପର୍କରେ ଚିନ୍ତା ପ୍ରକଟ କରିବା ସହିତ ଆଗାମୀ ଦିନରେ ସାମ୍ବାଦିକ ମାନେ ଦୃଢ଼ ଜବାବ ଦେବେ ବୋଲି କହିଛନ୍ତି । ସାମ୍ବାଦିକମାନଙ୍କ ମର୍ଯ୍ୟାଦା, ସୁରକ୍ଷା ଏବଂ ସାମୂହିକ ସ୍ୱାର୍ଥରକ୍ଷା ଦିଗରେ ଏକଜୁଟ ହୋଇ ସ୍ୱର ଉତୋଳନ କରିବାକୁ ସମସ୍ତେ ସର୍ବ ସମ୍ମତି ନିଷ୍ପତି ନେଇଛନ୍ତି । ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଧାରଣାରେ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଙ୍ଘର ସଭାପତି ଅରୁଣ କୁମାର ଓତା, ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ, ଓଡିଶା ସାମ୍ବାଦିକ ସଙ୍ଘ (ଓଜେୟୁ)ର ଜିଲ୍ଲା ସଭାପତି ଅଭିଜିତ ମହାନ୍ତି, ମୟୁରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ର ଦୋଳ ଗୋବିନ୍ଦ ବାରିକ, ରାଜ୍ୟ ସାମ୍ବାଦିକ ସଙ୍ଘର କର୍ମକର୍ତ୍ତା ପ୍ରୟାଗ ରାଜକର, ଓଡିଶା ଡିଜିଟାଲ ମିଡ଼ିଆ ମହାସଙ୍ଘର ଶିବାଦିତ୍ୟ ପଣ୍ଡା, ସାମ୍ବାଦିକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ନିହାର ରଞ୍ଜନ ବେହେରା, ସନ୍ତୋଷ କୁମାର ବାଛିନି, ମଳୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦଳେଇ, କ୍ଷୀରୋଦ ଚନ୍ଦ୍ର ଦାସ, ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ନିଜନିଜ ବକ୍ତବ୍ୟ ରେ ଆଜିର ଦିନରେ ସାରା ଭାରତ ବର୍ଷରେ ସାମ୍ବାଦିକ ମାନଙ୍କର ମର୍ଯ୍ୟାଦା, କଲ୍ୟାଣ ଏବଂ ସୁରକ୍ଷା କ୍ଷୁର୍ଣ୍ଣ ହୋଇଥିବା ବେଳେ, ମୟୁରଭଞ୍ଜ ଜିଲ୍ଲାରେ ସାମ୍ବାଦିକ ମାନଙ୍କ ପ୍ରତି ପ୍ରଶାସନିକ ଅଣଦେଖା ସହ ଆକ୍ରମଣ ଘଟଣା ବୃଦ୍ଧି ପାଉଥିବାରୁ ଆଗାମୀ ଦିନରେ ସାମ୍ବାଦିକ ମାନେ ସମ୍ମିଳିତ ଭାବରେ ବ୍ୟବସ୍ଥା ବିରୋଧରେ ଲଢ଼ି ନିଜର ନ୍ୟାର୍ଯ୍ୟ ଅଧିକାର ହାସଲ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ସଂଗଠନଗତ ମତଭେଦରୁ ଉର୍ଦ୍ଧ୍ୱରେ ରହି ଜିଲ୍ଲାର ସମସ୍ତ ସାମ୍ବାଦିକ ଏହି ଆନ୍ଦୋଳନରେ ସାମିଲ ହୋଇ ଥିବାରୁ ମହାମଂଚ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଆଗକୁ ମହାମଂଚ ସାମ୍ବାଦିକଙ୍କ ଏକତା ଓ ଅଧିକାର ହାସଲ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ତେବେ ଆଜିର ଏହି ସାମ୍ବାଦିକ ମିଳିତ ମଂଚ ଧାରଣାକୁ ସ୍ୱେଚ୍ଛାକୃତ ଭାବରେ ବିଭିନ୍ନ ରାଜନୈତିକ, ସାମାଜିକ ସଂଗଠନ ପକ୍ଷରୁ ନିସର୍ତ୍ତ ସମର୍ଥନ ଘୋଷଣା କରିଥିବାର ଦେଖିବାକୁ ମିଳିଥିଲା । ଧାରଣା ଶେଷରେ ଜିଲ୍ଲା ରେ ସାମ୍ବାଦିକ ମାନଙ୍କର ସମସ୍ୟା ନେଇ ଜିଲ୍ଲା ପାଳ ଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ପାଳ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ଏକ ସବିପତ୍ର ପ୍ରଦାନ କରାଯାଇଥିଲା ।

# ଆଦିମ ଜନଜାତି ଚାକୋଟିଆ ଭୁଞ୍ଜିଆଙ୍କ ଅଧିଷ୍ଠାତ୍ରୀ ଦେବୀ ଏବଂ ଶାରଦୀୟ ପୂଜା ପରମ୍ପରା

ନୂଆପଡା(ନିପ୍ର): ଓଡ଼ିଶାର ପ୍ରକୃତି ଘେରା ସୁନାବେଡ଼ା ଅଭୟାରଣ୍ୟର ଗୁମ୍ଫା, ପାହାଡ଼ ଓ ଗହ୍ୱର ଅଂଚଳରେ ବସବାସ କରୁଥିବା ଆଦିମ ଜନଜାତି 'ଚାକୋଟିଆ ଭୁଞ୍ଜିଆ'ମାନଙ୍କର ସଂସ୍କୃତି ଓ ପରମ୍ପରା ଅତ୍ୟନ୍ତ ପ୍ରାଚୀନ ଏବଂ ସ୍ୱତନ୍ତ୍ର । ଆଦିଶକ୍ତିଙ୍କର ଉପାସନା ଏହି ଆଦିମ ଜନଜାତିଙ୍କ ଠାରୁ ଆରମ୍ଭ ହୋଇଥିବା ବିଶ୍ୱାସ ରହିଛି । ଏହି ଜନଜାତିର ଅଧିଷ୍ଠାତ୍ରୀ ଦେବୀ ତଥା ଆରାଧ୍ୟା ଦେବୀ ହେଉଛନ୍ତି ମାଁ ସୁନଦେଇ । ପ୍ରତିବର୍ଷ ଶାରଦୀୟ ଦଶହରା ତଥା କୁମାର ପୂର୍ଣ୍ଣିମା ଅବସରରେ ମାଁ ସୁନଦେଇଙ୍କ ପବିତ୍ର ଯାତ୍ରା ଏବଂ ପୂଜାର୍ଚ୍ଚନା ଅତ୍ୟନ୍ତ ନିଷ୍ଠାର ସହ ପାଳନ କରାଯାଏ । ଆବିର୍ଭାବ ଓ ପୂଜା ପରମ୍ପରା: ବିଶ୍ୱାସ ଅନୁଯାୟୀ, ଆଦିମ କାଳରୁ ପ୍ରକୃତିର କୋଳରେ ବସବାସ କରୁଥିବା ଚାକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଲୋକେ ପ୍ରକୃତିକୁ ହିଁ ଶକ୍ତିରୂପେ ପୂଜା କରିଆସୁଛନ୍ତି । ମାଁ ସୁନଦେଇଙ୍କ ଆବିର୍ଭାବ ସମ୍ପର୍କରେ କିମ୍ବଦନ୍ତୀ ରହିଛି ଯେ, ସେହି ଅଂଚଳର ବନରାଜି ଓ ପାହାଡ଼ରେ ଦେବୀଙ୍କ ଅଲୌକିକ ଉପସ୍ଥିତିକୁ ଅନୁଭବ କରି ଆଦିମ ଜନଜାତିମାନେ ତାଙ୍କୁ ନିଜର ମୁଖ୍ୟ ଦେବୀ ବା ଅଧିଷ୍ଠାତ୍ରୀ ରୂପେ ଗ୍ରହଣ କରିଥିଲେ । ସେବେଠାରୁ ଏହି ପରମ୍ପରା ଚାଲିଆସୁଛି । ୨୪ ଗ୍ରାମର ମିଳିତ ପ୍ରସ୍ତୁତି ଓ ଅଖଣ୍ଡ ଜ୍ୟୋତି: ସୁନାବେଡ଼ା ଅଂଚଳର ପ୍ରାୟ ୨୪ ଗୋଟି ଗ୍ରାମରେ ବସବାସ କରୁଥିବା ଚାକୋଟିଆ ଭୁଞ୍ଜିଆ ଆଦିବାସୀମାନେ ଏକତ୍ରିତ ହୋଇ ମାଁ ସୁନଦେଇଙ୍କ ଯାତ୍ରା ପାଇଁ ବର୍ଷର ଆରମ୍ଭରୁ ପ୍ରସ୍ତୁତି ଆରମ୍ଭ କରିଥାନ୍ତି । ଅମାବାସ୍ୟାତିଥିରେ ମାଁଙ୍କ ପୀଠରେ ଅଖଣ୍ଡ ଜ୍ୟୋତି ଜାଳିବା ସହିତ ଏହି ପର୍ବର ଶୁଭାରମ୍ଭ ହୋଇଥାଏ । ଏହି ଅଖଣ୍ଡ ଜ୍ୟୋତି କ୍ରମାଗତ ଭାବରେ ୧୫ ଦିନ ଧରି ପ୍ରଜ୍ୱଳିତ ହୋଇ ରହିଥାଏ, ଯାହାକି ସମଗ୍ର ଅଂଚଳକୁ ଏକ ଆଧ୍ୟାତ୍ମିକ ପରିବେଶରେ ଭରିଦେଇ ଥାଏ । କୁମାର ପୂର୍ଣ୍ଣିମାରେ ଯାତ୍ରା ଓ ବାର୍ଷିକ ହିସାବ ନିକାଶ: ପରମ୍ପରା ଅନୁଯାୟୀ, କୁମାର ପୂର୍ଣ୍ଣିମା ଦିନ ମାଁ ସୁନଦେଇଙ୍କ ଯାତ୍ରା ଆରମ୍ଭ ହୋଇଥାଏ । ଏହି ଅବସରରେ ମାଁଙ୍କ ପୀଠ ସ୍ଥଳୀରୁ ଛତର ବାହାର କରାଯାଇ ସେଥିରେ ଦେବୀ ବିରାଜମାନ କରିଥାନ୍ତି । ଛତର ଶୋଭାଯାତ୍ରା ଲୀଙ୍ଗଭାଟା ପର୍ଯ୍ୟନ୍ତ ଯାଇଥାଏ । ଏହି ସ୍ଥାନରେ ଏକ ବିଶେଷ ପରମ୍ପରା ଅନୁଯାୟୀ ବାର୍ଷିକ ହିସାବ ନିକାଶ ହୋଇଥାଏ । ଜନଜାତିର ଲୋକେ ଦେବୀଙ୍କ ଠାରେ ନିଜର ମାନ-ଅଭିମାନ, ସୁଖ-ଦୁଃଖ ଏବଂ ବର୍ଷକର ବିଭିନ୍ନ ଅଭିଯୋଗ ଜଣାଇଥାନ୍ତି । ଏହାପରେ ଛତର ସୁନାବେଡ଼ା ନଗର ପରିକ୍ରମା କରିଥାଏ, ଯେଉଁଥିରେ ଶହ ଶହ ସଂଖ୍ୟାରେ ଆଦିବାସୀ ଭାଇଭଉଣୀ ଯୋଗଦାନ କରି ମାଁଙ୍କ ଆଶୀର୍ବାଦ ପ୍ରାପ୍ତ କରନ୍ତି ।

# ଗୀତା ଯଜ୍ଞ ଓ ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



କେନ୍ଦୁଝର(ନିପ୍ର): କେନ୍ଦୁଝରର ମାଇନିଙ୍ଗ ରୋଡ ସ୍ଥିତ ଶ୍ରୀ ରାମ ମନ୍ଦିର ପରିସର ମଧ୍ୟରେ ଉତ୍କଳ ବ୍ରାହ୍ମଣ ପୂଜକ ସଂଘ ପକ୍ଷରୁ ବାର୍ଷିକ ଉତ୍ସବ ଓ ଗୀତା ଯଜ୍ଞ ପାଳନ କରିବା ସମ୍ବନ୍ଧରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ ଏବଂ ଅନୁଷ୍ଠାନ ର ସ୍ଥାୟୀ କାର୍ଯ୍ୟାଳୟ ର ଆବଶ୍ୟକତା ଆଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘ ପକ୍ଷରୁ ସଭାପତି ବ୍ରଜ କିଶୋର ମହାପାତ୍ର, ସଂପାଦକ ଶ୍ରୀକାନ୍ତ କୁମାର ପଣ୍ଡା ଓ କୋଷାଧ୍ୟକ୍ଷ ସୁଶାନ୍ତ ପଣ୍ଡା ଆଲୋଚନା କରି ଦାୟିତ୍ୱ ବଂଟନ କରିଥିଲେ । ରାମ ମନ୍ଦିର ପରିସର ମଧ୍ୟରେ ଗୀତା ଜୟନ୍ତୀ ପାଳନ ଓ ବେଦ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଅନ୍ୟ ସଦସ୍ୟ ଶଶଧର ମିଶ୍ର, ମାନସ କୁମାର ହୋତା, କୃଷ୍ଣପାଦ ଦାସ ଓ ଗଣେଶ ପାଣିଗ୍ରାହୀ ଙ୍କ ମଧ୍ୟରେ କାର୍ଯ୍ୟ ଭାର ବଂଟନ କରିଥିଲେ । ପ୍ରାୟ ୨୫ଜଣ କର୍ମକର୍ତ୍ତା ଏକତ୍ର ହୋଇ ସମାଜ କଲ୍ୟାଣ ପାଇଁ ଗୀତା ପାଠ କରିଥଲେ ଓ ପ୍ରସାଦ ସେବନ କରିଥିଲେ । ସର୍ବଶେଷରେ ସତ୍ୟନାରାୟଣ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ବଦାର୍ପଣ କରି ଥିଲେ । ଆସନ୍ତା ଡିସେମ୍ବର ୨୦ତାରିଖରେ ଗୀତା ଜୟନ୍ତୀ ଓ ବାର୍ଷିକ ଉତ୍ସବ ୨୪ ତରିଖରେହବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ପ୍ରସାଦ ବଂଟନ କରିଥିଲେ ଦେବାଶିଷ ପାଢ଼ୀ ।

## ସାର୍ବଜନୀନ ସୂଚନା

ମୁଁ, ଶ୍ରୀ ସୁଧାଂଶୁ ଶେଖର ପରିଡ଼ା, ପିତା-ତ୍ରିଲୋଚନ ପରିଡ଼ା, ଗ୍ରାମ-ଗୁଡୁପାହି, ଥାନା-ଚାନ୍ଦିପୁର, ଜିଲ୍ଲା-ବାଲେଶ୍ୱରର ବାସିନ୍ଦା, ଏହାଦ୍ୱାରା ଜଣାଉଛି ଯେ ମୌଜା-ଗୁଡୁ, ଖାତା ନଂ. ୧୫୨୫/୧ ଇନ୍ ୧୩୬ ସମ୍ବନ୍ଧୀୟ ମୋର ମୂଳ ପଞ୍ଜୀକୃତ ବିକ୍ରୟ ଦଲିଲ (ଜଝଉ) ନଂ. ୩୨୬୬, ତାରିଖ ୦୭.୦୬.୨୦୦୨, ତାରିଖ ୦୭.୧୦.୨୦୨୬ରେ ହଜିଯାଇଛି । ଏହି ସମ୍ବନ୍ଧରେ ଟାଉନ୍ ଥାନା, ବାଲେଶ୍ୱରରେ ଜିଡି ନଂ. ୨୧, ତାରିଖ ୧୨.୧୦.୨୦୨୬ରେ ରେକର୍ଡ କରାଯାଇଛି । କେହି ଉକ୍ତ ଦଲିଲଟି ପାଇଲେ ନିମ୍ନସ୍ୱାକ୍ଷରକାରୀଙ୍କୁ ଜଣାଇବାକୁ ଅନୁରୋଧ ।

ସ୍ୱା/-
ସୁଧାଂଶୁ ଶେଖର ପରିଡ଼ା
ଯୋଗାଯୋଗ ନଂ.: ୯୭୭୭୦୮୬୪୨୧

# ଅବସରପ୍ରାପ୍ତ ପୋଲିସ ଅଫିସର ସଂଘର ବୈଠକ

ବାରିପଦା(ନିପ୍ର): ବାରିପଦା ତକତପୁର ସ୍ଥିତ ରୁଚି ଗେଷ୍ଟ ହାଉସ ଠାରେ ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ପୋଲିସ ଅଫିସର ସଂଘର ଏକ ମାସିକ ବୈଠକ ସଂଘର ସଭାପତି ତଥା ପୂର୍ବତନ ଏସପି ଦିଲ୍ଲୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ପୂର୍ବତନ ସମ୍ପାଦକ ସ୍ୱର୍ଗତ ସତ୍ୟନାରାୟଣ ସିଂହବାବୁଙ୍କ ଦେହାନ୍ତ ଯୋଗୁଁ ଖାଲି ପଡ଼ିଥିବା ସମ୍ପାଦକ ପଦବୀ ପାଇଁ ସଂଘର ଯୁଗ୍ମ -ସମ୍ପାଦକ ନବୀନ ବିଶ୍ୱାଳ ସୁନୀଲ କୁମାର ପଟ୍ଟନାୟକଙ୍କ ନାମ ପ୍ରସ୍ତାବ ଆଗତ କରିଥିଲେ । ଉକ୍ତ ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତିକ୍ରମେ ଗୃହୀତ କରାଯିବା ପରେ ସୁନୀଲ କୁମାର ପଟ୍ଟନାୟକ ସଂଘର ନୂତନ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ଏତଦ ବ୍ୟତୀତ ସଂଘ ର ସହ ସମ୍ପାଦକ ଶ୍ରୀ ଛତିଶ ଚନ୍ଦ୍ର ମହାନ୍ତ ଙ୍କୁ ନିଜ କାର୍ଯ୍ୟ ଭାର ସହ ଅତିରିକ୍ତ ଦାୟିତ୍ୱ ଭାବେ କୋଷାଧ୍ୟକ୍ଷ ପଦ ପାଇଁ ଶ୍ରୀଯୁକ୍ତ ବିଶ୍ୱାଳଙ୍କ ଦ୍ୱାରା ପ୍ରସ୍ତାବ ଆଗତ ହେବାରୁ ଏହା ମଧ୍ୟ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଥିଲା. ଏହାବ୍ୟତୀତ ସଂଘର ଆଗାମୀ ବାର୍ଷିକ ସମ୍ମିଳନୀ ଆୟୋଜନ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ସଂଘର ଏକତା, ପାରସ୍ପରିକ ସହଯୋଗ ଓ ସେବା ମନୋଭାବକୁ ଆହୁରି ସୁଦୃଢ଼ କରିବା ସହ ସାମାଜିକ କାର୍ଯ୍ୟକଳାପରେ ସକ୍ରିୟ ଭାଗୀଦାର ହେବାକୁ ସଦସ୍ୟମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ଶେଷରେ ବୈଠକର ପରିସମାପ୍ତି ଘଟିଥିଲା ।


No. 25001/1315/2627

**e-Procurement Notice for Building Works Identification No. 08 / SERW/JLS/2026-27**

| | | | |
|---|---|---|---|
| 1. | Procurement Officer | :- | Superintending Engineer Rural works Division, Jaleswar |
| 2. | Name of work | :- | Buildings |
| 3. | Total No of Works | :- | 07 Nos |
| 4. | Estimated Cost | :- | Approx Estimated Cost Rs. 43.73 Lakh to Rs. 67.25 Lakh |
| 5. | Class of Contractor | :- | B Class |
| 6. | Time of Completion | :- | Nine Calendar Months (As per annexure) |
| 7. | Availability to tender On-line | :- | From 15.10.2026 at 10.00A.M. to 28.10.2026 upto for bidding 05.00P.M. |
| 8. | Last date & time of seeking tender clarification | :- | 27.10.2026 up to 05.00P.M |
| 9. | Date & Time of Opening of tender in the office of the Superintending Engineer, R.W. Division, Jaleswar | :- | Date & Time Opening of Technical & Financial bid- 29.10.2026 at 11.00A.M. |

Further details can be seen from the website - www.tendersodisha.gov.in

Sd/-
Executive Engineer
R.W. Division, Jaleswar

OIPR. 25001/25051/1/26-27/0008



No. 32001/1029/2627

**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN, LAXMIPOSI**
**DIST-MAYURBHANJ,ODISHA, PIN: 757107**
E-Mail:cebmsbb2019@gmail.com

**"e" Procurement Notice.**

**Bid Identification No. 16/26-27 of CEBM, SBB, Laxmiposi**

The Chief Engineer & Basin Manager, Subarnarekha & Budhabalanga Basin, Laxmiposi on behalf of the Govt. of Odisha, invites Request for Proposal (RfP) from eligible bidders through on-line mode ( double cover system) for the work "Appointment of Proof Engineering Consultant (PEC) for Under Ground Pipe Line Irrigation in the Command Area of Baisinga Branch Canal & its Systems From 00KM to 33.865 KM of Subarnarekha Irrigation Project, Odisha" through underground pipe line irrigation system (Gravity Flow & Pressure Flow) in Mayurbhanj district of Odisha on EPC Turn-key basis including Operation & Maintenance of complete commissioned project for five years."

| | | | |
|---|---|---|---|
| a. | Period of completion including rainy season | : | 24 (Twenty Four) Calendar months |
| b. | Period of Availability of Bid Document in the Portal | : | From 10.00 AM of 15.10.2026 to 29.10.2026 up to 5.00 PM |
| c. | Last Date / Time for Receipt of Bid | : | 29.10.2026 up to 5.00 PM. |
| d. | Date and Time of Opening of Technical Bid | : | 30.10.2026 at 11.30 AM. |
| e. | Name & address of the officer inviting Bid | : | Chief Engineer & Basin Manager, Subarnarekha & Budhabalanga Basin, Laxmiposi, |
| f. | Further details can be seen from the e-procurement portal https://tendersodisha.gov.in | | |

Sd/-
Chief Engineer & Basin Manager,
Subarnarekha & Budhabalanga Basin,
Laxmiposi

OIPR. 32001/32429/1/26-27/0012











## ପ୍ରକାଶ୍ୟରୁ ପ୍ରଶମିତ...

# ଅସ୍ତମିତ ଛଉ ନୃତ୍ୟଶିଳ୍ପୀ : ରଂଜନ ପଟ୍ଟନାୟକ ଏକ ଅଲିଭା ସ୍ୱାକ୍ଷର

◆ ସ୍ମିତାରାଣୀ ଦାସ



ବିଶ୍ୱଦରବାରରେ ବିଶ୍ୱପ୍ରତିଭା ବିଶିଷ୍ଟ ଛଉ ନୃତ୍ୟଶିଳ୍ପୀ ତଥା ଶିକ୍ଷାବିତ୍ ରଂଜନ କୁମାର ପଟ୍ଟନାୟକ ଗତ ୧୩ ତାରିଖ ଦିନ ହୃଦ୍‌ଘାତରେ ଆରପାରିକୁ ଚାଲିଯାଇଛନ୍ତି । ସେ ଥିଲେ ଛଉନୃତ୍ୟ ଜଗତର ଏକ ଅପ୍ରତିଦ୍ୱନ୍ଦୀ ମୁକୁଟବିହୀନ ସମ୍ରାଟ । ସଦା ହସହସ ମୁଖ, ସମସ୍ତଙ୍କ ଆପଣେଇ ନେବାର ସେ ଯେଉଁ ଅଲିଭାସ୍ୱାକ୍ଷର ଛାଡ଼ିଯାଇଛନ୍ତି ସେହିପରି ବ୍ୟକ୍ତି ବୋଧହୁଏ ବିରଳ । କାହିଁକି ନା ବର୍ତ୍ତମାନ ସ୍ୱାର୍ଥାନ୍ୱେଷୀ ଦୁନିଆରେ ମୋତେ ଲାଗେ ସେ ଯେପରି ଭିନ୍ନ । କାହିଁକି ନା ବୃହତ୍ ପରିବାର ମଧ୍ୟରେ ଜନ୍ମ ନେଇ ନିଜର ବାପା-ମାଆ ତଥା ଭାଇ-ଭଉଣୀ ମାନଙ୍କୁ ଏକାଠି କରି ଏକ ସୁନ୍ଦର ପରିବାର ମଧ୍ୟରେ ବଂଚିବାର ଯେଉଁ ଆନନ୍ଦ ମିଳିଥାଏ ତାହାର ଏକ ଜ୍ୱଳନ୍ତ ପ୍ରମାଣ ସେ ଛାଡ଼ିଯାଇଛନ୍ତି ପରିବାର ମଧ୍ୟରେ । ଷଢେଇକଳାର ଧର୍ମପ୍ରାଣ, ଜନସେବୀ ବିଶିଷ୍ଟବ୍ୟକ୍ତି ତଥା ସୁପ୍ରତିଷ୍ଠିତ ଆଇନଜୀବୀ ୰ ହେମେନ୍ଦ୍ରକୁମାର ପଟ୍ଟନାୟକ ଏବଂ ଧର୍ମପ୍ରାଣା ଅତିଥିବତ୍ସଳା କିଶୋରୀ ଦେବୀଙ୍କ ସୁଯୋଗ୍ୟ ଦ୍ୱିତୀୟପୁତ୍ର ରଂଜନ ପଟ୍ଟନାୟକ (ଟୁକୁନା) । ରାମଚନ୍ଦ୍ର ପରି ସେ ଥିଲେ ସୁଯୋଗ୍ୟ ପୁତ୍ର ଏବଂ ସ୍ନେହଶୀଳ ଭାତୃବତ୍ସଳ ଭାଇ । ପାତର-ଅନ୍ତର ନଥିଲା ତାଙ୍କ ହୃଦୟକନ୍ଦରରେ । ମୁଁ ଓ ମୋ ପରିବାର ତାହା କଅଣ ବୋଲି ସେ ଜାଣିନଥିଲେ । ଜାଣିଥିଲେ କେବଳ ଭଲପାଇବା । କ୍ରୋଧ, ହିଂସା, ଦ୍ୱେଷ ଛୁଇଁ ନଥିଲା ତାଙ୍କ ଶରୀରରେ କି ହୃଦୟରେ । ଏପରି ଦେବତୁଲ୍ୟ ବ୍ୟକ୍ତି କୋଟିକରୁ ଗୋଟିଏ । ପିଲାଟିବେଳୁ ନୃତ୍ୟ, ସଂଗୀତ ପ୍ରତି ତାଙ୍କର ଥିଲା ଅହେତୁକ ଦୁର୍ବଳତା । ଷଢେଇକଳାରେ ନୃତ୍ୟ ପରିବେଷଣ କରି କଲେ ବିଶିଷ୍ଟ ନୃତ୍ୟ ଶିଳ୍ପୀ ଭାବେ ନିଜକୁ ଅଳଂକୃତ କରିସାରିବା ପରେ ଛଉନୃତ୍ୟର ପ୍ରଚାର ଓ ପ୍ରସାର ପାଇଁ ସେ ମଧ୍ୟ ବିଦେଶ ମାଟିରେ ନୃତ୍ୟ ପରିବେଷଣ କରି ଓଡ଼ିଶା ଓ ଝାଡଖଣ୍ଡ ମାଟି ପାଇଁ ଗର୍ବ ଓ ଗୌରବ ଆଣିପାରିଥିଲେ । ବିଶ୍ୱର ଅନେକ ଦେଶରେ ନୃତ୍ୟ ପରିବେଷଣ କରି ସେ ଅନେକ ଖ୍ୟାତି ସାଉଁଟି ପାରିଥିଲେ । ଯାହା ତାଙ୍କୁ ତାଙ୍କର ମୃତ୍ୟୁ ପରେ ବି ଅମର କରି ରଖିଛି ଏବଂ ରଖିବ ମଧ୍ୟ । କେବଳ ଛଉନୃତ୍ୟରେ ସେ ନଥିଲେ ବିଶାରଦ ଶିକ୍ଷାଜଗତ ପାଇଁ ସେ ମଧ୍ୟ ଥିଲେ ଜଣେ ଜ୍ୟୋତିଷମାନ ଉଦୟ ସୂର୍ଯ୍ୟସମ ଶିକ୍ଷକ । ପାଠପଢ଼ିବା ଏବଂ ପଢ଼ାଇବାକୁ ସେ ବହୁତ ଭଲ ପାଉଥିଲେ । ତାଙ୍କର ବହୁ ଛାତ୍ର ମଧ ବଡ଼ବଡ଼ ସ୍ଥାନରେ ସୁପ୍ରତିଷ୍ଠିତ । ଯେତେ ଦୁଃଖ, କଷ୍ଟ ଆସୁନା କାହିଁକି ସେ ହସିହସି ଛୁମନ୍ତର ପରି ତାକୁ ଲିଭାଇ ଦେଉଥିଲେ । ସ୍ନେହର ଯାଦୁକରୀ ସ୍ପର୍ଶରେ ପରଠୁ ଆପଣା ଯାଏଁ ସମସ୍ତେ ଯେପରି ଜୀବନ୍ୟାସ ପାଇଯାଉଥିଲେ ତାଙ୍କର କଥା ପଦିଏରେ । କର୍ମମୟ ଜୀବନରୁ ଅବସର ନେଇ ସେ ବହୁ ଅନୁଷ୍ଠାନ ସହ ଜଡ଼ିତ ରହି ବହୁ ଉନ୍ନତିମୂଳକ କାର୍ଯ୍ୟ କରି ଯାଇଛନ୍ତି । ଶରୀର ଥିଲେ ଦେହ ତ ଅସୁସ୍ଥ ରହେ । ତଥାପି ସେ ଥକି ପଡ଼ି ନଥିଲେ । ହସିହସି ଯଥାରୀତି ଦୈନନ୍ଦିନ କାର୍ଯ୍ୟନିର୍ବାହରେ ସେ ନିଜକୁ ହଜାଇ ଦେଇଥିବା ବେଳେ କାଳର ନିଷ୍ଠୁର ସଂକେତ ସେ କିମ୍ବା ପରିବାର ଆତ୍ମସ୍ୱଜନ ଜାଣିନଥିବା ବେଳେ ହଠାତ୍ ଦେହ ଅସୁସ୍ଥ ହୋଇ ଚିକିତ୍ସାଳୟକୁ ଚିକିତ୍ସା ପରାମର୍ଶ ପାଇଁ ଯାଇଥିବା ବେଳେ ହୁଏତ ବିଧିର ବିଧାନ ଥିଲା ଅନ୍ୟ ପ୍ରକାର । ତାଙ୍କର ଅଚାନକ ମୃତ୍ୟୁ ଖବର ସମସ୍ତଙ୍କୁ ସ୍ତମ୍ଭୀଭୂତ କରି ଦେଇଥିଲା । ହୁଏତ ଭଗବାନ ତାଙ୍କୁ ବେଶୀଦିନ ଦୁନିଆ ରଂଗମଂଚରେ ରହିବାର ସୁଯୋଗ ନଦେଇ ନେଇଯାଇଥିଲେ ସ୍ୱର୍ଗର ନନ୍ଦନକାନନକୁ । କୁହାଯାଏ *"ମୃତ୍ୟୁଂ ମାଂ ଅମୃତଂ ଗମୟ"* । ଏକ ବଡ଼ ପରିବାରର ସେ ଥିଲେ ମେରୁଦଣ୍ଡ । ସୁବିଧା ଅସୁବିଧା, ଭଲମନ୍ଦ ପରିବାରର ଯାବତୀୟ ହାନିଲାଭ ସେ ସବୁ ବୁଝୁଥିଲେ । ତାଙ୍କର ଅଚାନକ ମୃତ୍ୟୁ ଯେପରି ସବୁ କିଛିକୁ ଏପଟସେପଟ କରିଦେଲା । ପ୍ରକାଶ୍ୟରୁ ବା ଭୂମିସ୍ପର୍ଶ କରି ଦୁଃଖ, ସୁଖ ଦୁନିଆର ଲମ୍ବା ସମୟ ମଧ୍ୟରେ ପ୍ରଶମିତ ହୋଇଗଲେ ଜୀବନର ଅପରାହ୍ନରେ । ତାଙ୍କ ସୁକର୍ମ ପବିତ୍ରତାର ଅଲିଭା ସ୍ୱାକ୍ଷରର ଛାପ ସମସ୍ତଙ୍କ ଅଶ୍ରୁଭିଜା ନୟନରେ ଯେପରି ଭାସୁଛି ପ୍ରତିଛବିର ଜୁଆରରେ । ସେ ଆଜି ହୁଏତ ସ୍ୱଶରୀରରେ ନାହାଁନ୍ତି କିନ୍ତୁ ତାଙ୍କର ସେ ଭଲପାଇବା, ସ୍ନେହଶ୍ରଦ୍ଧା ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ସଜୀବ ହୋଇ ରହିବ । ସଜଳ ନୟନରେ ଏହି ଲବ୍ଧପ୍ରତିଷ୍ଠ ନୃତ୍ୟଶିଳ୍ପୀ ତଥା ଶିକ୍ଷାବିତ୍ ଟୁକୁନା ଭାଇଙ୍କ ଅମର ଆତ୍ମା ପ୍ରତି ଅର୍ଘ୍ୟପୂତ ଅର୍ଘାଂଜଳି ।

*"ଆଜିକାଲି"*, ବାଲେଶ୍ୱର

# ସୋର ପୋଲିସକୁ ବଡ଼ ସଫଳତା

## ୫ ଲୁଟେରା, ଜଣେ ଗହଣା ଦୋକାନୀଙ୍କୁ ଗିରଫ ସହ ୩ ବାଇକ, ୩୦ ହଜାର ଟଙ୍କା ଓ ଅଳଙ୍କାର ଜବତ

ସୋର : (ସପ୍ର)- ସୋର ପୋଲିସକୁ ମିଳିଛି ବଡ ସଫଳତା । ୬ ଜାତୀୟ ରାଜପଥ ଲୁଟେରାଙ୍କ ସହ ଜଣେ ଜୁଏଲାରୀ ଦୋକାନ ମାଲିକକୁ ଗିରଫ କରି କୋର୍ଟ ଚାଲାଣ କରିଛି ସୋର ପୋଲିସ । ସୂଚନାଯୋଗ୍ୟ ଗତ କିଛି ଦିନ ପୂର୍ବେ ସୋର ଥାନା ଅନ୍ତର୍ଗତ କୁଆମରା ନିକଟରେ ଏକ ଛିନ୍ନ ତାଇ କରି ଦୃର୍ବୃତ ମାନେ ଫେରାର ହୋଇ ଯାଇଥିଲେ । ସୋର ଥାନା ରେ ୭୫୯/୨୬ ରେ ଏକ ମାମାଲା ରୁଜୁ ହୋଇଥିଲା । ପରେ ସୋର ଥାନା ଅଧିକାରୀ ଅନୁରାଗ ମହାନ୍ତି ନିଜ ନେତୃତ୍ୱରେ ଏକ ଟିମ୍ ଗଠନ କରିବା ବିଭିନ୍ନ ସ୍ଥାନରେ ଲାଗିଥିବା




ସିସିଟିଭି ଫୁଟେଜ ଯାଂଚ ସହ ବିଭିନ୍ନ ସ୍ଥାନରେ ତଲାସୀ କରିଥିଲେ । ପରେ ଗତକାଲି ଭଦ୍ରକ ଜିଲ୍ଲା ବାସୁଦେବପୁର ଅଂଚଳରୁ ୬ ଜଣ ଏବଂ ସୋର କେଦାରପୁର ଅଂଚଳରୁ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ଗିରଫ ଅଭିଯୁକ୍ତ ମାନେ ହେଲେ ବାସୁଦେବପୁର ଇରମ ଅଂଚଳ ର ଶିବଶଙ୍କର ଦଳେଇ (୧୮) , ଜୟନ୍ତ ମଲ୍ଲିକ (୧୯) , ଚୁଡା ମଣି ଅଂଚଳର ଶିବବ୍ରତ ମଲ୍ଲିକ (୧୯) , ଜଗନ୍ନାଥପୁର ଅଂଚଳର ମାୟାଧର ମଲ୍ଲିକ (୨୧), ଶିବପ୍ରସାଦ ଦଳେଇ (୨୨), ସତ୍ୟସାଇ ମଲ୍ଲିକ (୨୨) ଏବଂ ସୋର କେଦାରପୁର ଅଂଚଳର ଗହଣା ଦୋକାନୀ ପ୍ରଭାତ କୁମାର ରଣା(୨୫) ଙ୍କୁ ଗରିଫ କରି କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ନଗଦ ୩୦୦୦୦ ଟଙ୍କା ,୭ ଟି ଷ୍ମାଟ ଫୋନ୍, ୧ ଟି ଚେନ, ଏକ ହଳ କାନଫୁଲ ସହ ଓଡି ୨୨ ଏ ଇ ୬୫୮୪, ଓଡି ୨୨ ଏ ଇ ୯୨୯୫, ଓଡି ୦୧ ଏ ଜେଡ୍ ୩୭୯୦ ବିଶିଷ୍ଟ ୩ଟି ବାଇକ୍ ଜବତ୍ କରିଛି ସୋର ପୋଲିସ ।

# ଆର୍ଯ୍ୟସମାଜ ପକ୍ଷରୁ ମହାସମାରୋହରେ ନବମାତୃକା ପୂଜା

ଭୁବନେଶ୍ୱର : ନବରାତ୍ରର ପ୍ରଥମ ଦିବସ ରବିବାର ଆଶ୍ୱିନ ଶୁକ୍ଳ ପ୍ରତିପଦା ତିଥିରେ ଆର୍ଯ୍ୟସମାଜ ଓଡ଼ିଶା ପକ୍ଷରୁ ୭ମ ନବମାତୃକା ପୂଜାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଲେ ଯେ, ଆର୍ଯ୍ୟସମାଜ ଓଡ଼ିଶା ପକ୍ଷରୁ ଏ ଯେଉଁ ଅଭିନବ ପରିକଳ୍ପନା କରାଯାଇଛି ଏହାର ସୁଦୂରପ୍ରସାରୀ ପ୍ରଭାବ ରହିଛି । ସମାଜରେ ଯେତେବେଳେ ବୃଦ୍ଧପିତାମାତାଙ୍କ ପ୍ରତି ନିଜ ପିଲାମାନେ ହତାଦର କରୁଛନ୍ତି, ଯେତିକିବେଳେ ଆର୍ଯ୍ୟସମାଜ ବାର୍ତ୍ତା ଦେଉଛି ପିତାମାତାଙ୍କୁ ଜୀବିତାବସ୍ଥାରେ ପୂଜା ହିଁ ପ୍ରକୃତ ଶ୍ରାଦ୍ଧ । ଶ୍ରୀମଦ୍ ବାବା ବଳିଆଙ୍କ ସମାଜ ସଂସ୍କାର କାର୍ଯ୍ୟର ବାଚସ୍ପତି ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ବାବା ବଳିଆ କହିଲେ ଯେ, ଯେଉଁଦିନ ପିଲାମାନେ ବାପାମା'ଙ୍କୁ ପୂଜା କରିବା ଆରମ୍ଭ କରିବେ ସମାଜରେ ବୃଦ୍ଧାଶ୍ରମର ଆବଶ୍ୟକତା ରହିବ ନାହିଁ । ଯେଉଁ ପୁଅଝିଅମାନେ ବୃଦ୍ଧ ପିତାମାତାଙ୍କୁ ହତାଦର କରୁଛନ୍ତି ସରକାର ପିଲାମାନଙ୍କ ଆୟରୁ ପିତାମାତାଙ୍କୁ ଦେବା ପାଇଁ ଆଇନ ଆଣିବା ଦରକାର । ଶ୍ରୀମଦ୍ ବାବା ଆହୁରି କହିଲେ ଯେ, ମହର୍ଷି ଦୟାନନ୍ଦ ହିଁ କଳିଯୁଗରେ ପ୍ରକୃତ ମୀନ ଅବତାର । ତାଙ୍କ ପାଇଁ ହିଁ ଆମେ "ବେଦ"ର ସ୍ୱାଦ ଚଖିପାରିଲେ । ବିଶିଷ୍ଟ ଅତିଥି ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମାତୃପୂଜା କାର୍ଯ୍ୟକ୍ରମ, ନୂତନ ଯୁବପିଢିଙ୍କ ଭିତରେ ପ୍ରବେଶ କରାଇବାର ଆବଶ୍ୟକତା ଅଛି ବୋଲି କହିବା ସହ, ମା' ସବୁବେଳେ କଲ୍ୟାଣମୟୀ ବୋଲି କହିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଚନ୍ଦ୍ରଶେଖରପୁର ସ୍ଥିତ ବ୍ରହ୍ମାନନ୍ଦ ଭବନଠାରେ ଆୟୋଜିତ ଏହି ସଭାରେ ସ୍ୱାଗତ ଭାଷଣ ଦେଇ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ଶ୍ରୀମଦ୍ ବାବା ବଳିଆ ୫୦ ବର୍ଷ ହେବ ଯେଉଁ ସଂସ୍କାରବାଦୀ କାର୍ଯ୍ୟକ୍ରମ କରିଛନ୍ତି ଆଜିର କାର୍ଯ୍ୟକ୍ରମ ତାର ଏକ ଅଂଶବିଶେଷ । ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଜୀବିତାବସ୍ଥାରେ ପିତାମାତାଙ୍କୁ ଶ୍ରାଦ୍ଧ ଦେବାର ଏହା ଏକ ନୂତନ ପରିକଳ୍ପନା ବୋଲି କହିଥିଲେ । ଅନ୍ୟତମ ଅତିଥି ପୂର୍ବତନ କୁଳାଧିପତି ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମିଶ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସତ୍ୟନାରାୟଣ ଆଚାର୍ଯ୍ୟ ଓ ପୂର୍ବତନ କୁଳପତି ପ୍ରଫେସର ଡଃ ହରେକୃଷ୍ଣ ଶତପଥି ଶପ୍ତସତୀ ଚଣ୍ଡୀରେ "ମା" ଜଗତଜନନୀ ଦୁର୍ଗାଙ୍କୁ ସଂସାରର ମଙ୍ଗଳମୟୀ ଭାବେ ବର୍ଣ୍ଣନା କରାଯାଇଛି । କିନ୍ତୁ ଆର୍ଯ୍ୟସମାଜ ପ୍ରତୀକାତ୍ମକ ଭାବେ "ମା" ଭିତରେ ଦୁର୍ଗାଙ୍କୁ ଆଜି ଦର୍ଶନ କରାଇ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହୋଇଛନ୍ତି । ଏହି ଅବସରରେ ଧର୍ମଗଡ଼, କଳାହାଣ୍ଡିର "ମା" ବିଦ୍ୟୁଲତା ଦାସଙ୍କୁ ବାଚସ୍ପତି ପ୍ରଥମ ନବ ମାତୃକା ସମ୍ମାନ ପ୍ରଦାନ କରିଥିଲେ ଓ ରୀତିକ ମଲ୍ଲିକଙ୍କ ନ୍ୟାୟଦର୍ଶନ ଓ କବୟତ୍ରୀ ଶ୍ରୀମତୀ ସବିତା ଶୁକ୍ଳାଙ୍କ ଭଜନ ସନ୍ଧ୍ୟାଦୀପ ପୁସ୍ତକକୁ ଶ୍ରୀମଦ ବାବା ବଳିଆ ଉନ୍ମୋଚନ କରିବା ସହ ଭଜନ ଗାୟିକା ଜ୍ୟୋତିର୍ମୟୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ସସ୍ତ୍ରୀକ ଜଜମାନ ଥିଲେ । ସର୍ବଶ୍ରୀମତୀ ଅନ୍ନପୂର୍ଣ୍ଣା ଦ୍ୱିବେଦୀ, ମିତା ମହାପାତ୍ର, ସବିତା ଶୁକ୍ଲା, ବୀଣାପାଣି ଜେନା, ସାବିତ୍ରୀ ମଲ୍ଲିକ, ସୁଲୋଚନା ପାଣିଗ୍ରାହୀ, ଗୌରୀବାଳା ପାଣିଗ୍ରାହୀ, କାମିନୀ ମଞ୍ଜରୀ ସିଂହ ଓ ବିଦ୍ୟୁଲତା ଦାଶଙ୍କୁ ନବମାତୃକା ଭାବେ ପୂଜା କରାଯାଇଥିଲା । ଶେଷରେ ପାଲାଚାର୍ଯ୍ୟ ନାରାୟଣ ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ, ପଣ୍ଡିତ ବିନୋଦ ବିହାରୀ ଦାଶ ଓ ଆଚାର୍ଯ୍ୟ ଧର୍ମରାଜ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବ ପ୍ରଶାସକ ଭାରତ ଭୂଷଣ ଜଗଦେବ, ସହଦେବ ଜୟସିଂହ, ବାବା ପ୍ରଣବାନନ୍ଦ, ସୀତାବଲ୍ଲଭ ମହାପାତ୍ର, ରାଜନେତା ଡଃ ଶମ୍ଭୁନାଥ ପାଣିଗ୍ରାହୀ, ଡଃ ବିଭୂତି ଭୂଷଣ ଜେନା, ଡଃ ଉଷାପାଢୀ, ପଣ୍ଡିତ ରଘୁନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ଜନ୍ମେଜୟ ନାୟକ ଓ ନଳିନୀକାନ୍ତ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# ପୁରୁଣାବଜାର ଥାନା ତରଫରୁ ଜୁଭେଂଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

## ❋ ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ

ଭଦ୍ରକ : ଆର୍ନ୍ତଜାତୀୟ ବାଳିକା ଦିବସ ଅବସରରେ ଭଦ୍ରକ ପୁରୁଣାବଜାର ଥାନା ଓ ଆସିଆନା ସଂଗଠନର ମିଳିତ ଆନୁକୂଲ୍ୟରେ ଜୁଭେଂଟିକା ଆଉଟ୍‌ରିଚ୍ ସଚେତନତା କାର୍ଯ୍ୟକ୍ରମ ପୁରୁଣା ବଜାର ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ବାଇପାସ୍‌ସ୍ଥିତ ସୋସାଇଟ୍ ଫର୍ ଉଇକର କମ୍ୟୁନିଟ୍ (ଆସିଆନା) ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କୁମାର କର, ଆସିଆନାର ସମ୍ପାଦିକା ସୋଫିଆ ସେକ୍ ଯୋଗଦେଇ ବାଲ୍ୟ ବିବାହର ନିରାକରଣ, ବାଳିକାମାନଙ୍କର ଅଧିକାରର, ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ସାମୁହିକ ପ୍ରୟାସ ଜାରି ରଖିବା ପାଇଁ ଆବଶ୍ୟକୀୟ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ






ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷର ଜୁଭେଂଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ହେଉଛି "ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ" । ଏହି କାର୍ଯ୍ୟକ୍ରମରେ ଆସିଆନା ଶକ୍ତି ସଦନ ଓ ଓପନ୍ ସେଲ୍‌ଟର ହୋମ୍‌ର ଅନ୍ତେବାସୀ ଓ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ । ଆସିଆନାର ସଂଯୋଜକ ରିଆଜ ଅହମଦ୍ ସ୍ୱାଗତ ଭାଷଣ ଦେବା ସଂଗେ ସଂଗେ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁହୁରା ଗ୍ରାମପଂଚାୟତରେ ଜନଶୁଣାଣି ଅନୁଷ୍ଠିତ



ଧର୍ମଗଡ : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କୁହୁରା ଗ୍ରାମପଂଚାୟତରେ ପହଂଚି ଲୋକଙ୍କ ସୁଖ-ଦୁଃଖର ସାଥୀ ହୋଇଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ କେବଳ ଅଭିଯୋଗ ଗ୍ରହଣ ନୁହେଁ, ବରଂ ପ୍ରତ୍ୟେକଙ୍କ ସମସ୍ୟାକୁ ହୃଦୟର ସହ ଶୁଣି ତୁରନ୍ତ ସମାଧାନର ପ୍ରତିଶ୍ରୁତି ଦେଇଥିଲେ ବିଡ଼ିଓ ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଏବଂ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ଆଜି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କୁହୁରା ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ପଂଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ତ୍ରିପୁରା ମହାନନ୍ଦଙ୍କ ନେତୃତ୍ୱରେ ଏହି ଶିବିରରେ ଶତାଧିକ ଜନସାଧାରଣ ନିଜ ନିଜର ଗୁହାରି ନେଇ ପହଂଚିଥିଲେ । ଏହି ଶିବିରରେ ୩୫ ଟି ଅଭିଯୋଗମଧ୍ୟରୁ ୧୮ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ମୁଖ୍ୟତଃ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା, ବାର୍ଦ୍ଧକ୍ୟ ଭତା, ରାସନ କାର୍ଡ ସଂଶୋଧନ ଏବଂ ଗ୍ରାମର ରାସ୍ତାଘାଟ ସମସ୍ୟା ଉପରେ ଅଧିକାଂଶ ଅଭିଯୋଗ ଆସିଥିଲା । ଅନେକ ସମସ୍ୟାର ତୁରନ୍ତ ସମାଧାନ ପାଇଁ ବିଡ଼ିଓ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କୁ ଶିବିର ସ୍ଥଳରେ ହିଁ ନିର୍ଦ୍ଦେଶ ଦେଇ ଥିଲେ । ଏହି ଶିବିରରେ ଏବିଡିଓ ବିଜୟକୁମାର ନାଏକ,ଏଇ ଚିତରଞ୍ଜନ ଜେନା , କୁହୁରା ପଂଚାୟତର ସରପଂଚ, ପିଙ୍କି ତାଣ୍ଡି ଏବଂ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବିଡ଼ିଓଙ୍କ ଏଭଳି ପ୍ରୟାସ ଏବଂ ସମ୍ବେଦନଶୀଳତାକୁ ସ୍ଥାନୀୟ ଅଂଚଳରେ ବେଶ୍ ପ୍ରଶଂସା କରାଯାଇଛି ।

# ବରଣ୍ଡୁଆ ଗ୍ରାମ ପାର୍କରେ ଉନ୍ନତିକରଣ ହେବ

ଭଦ୍ରକ : ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମରେ ଥିବା ପ୍ରସ୍ତାବିତ ଗ୍ରାମ ପାର୍କର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିଛନ୍ତି । ବରଣ୍ଡୁଆ ଗ୍ରାମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରମୁଖ ପ୍ରଶାସନ ଅଧିକାରୀ ପହଂଚି ଅନୁଧ୍ୟାନ କରି ପ୍ରସ୍ତାବିତ ଗ୍ରାମ ପାର୍କର ସୌନ୍ଦର୍ଯ୍ୟକରଣ ସହ ପାର୍କର ସାମଗ୍ରିକ ଉନ୍ନତି ଉପରେ ଗୁରୁତ ଦେବା, ଜଳାଶୟ ଭାବେ ବିକଶିତ ହେବା, ଏହା ସହିତ ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ଏକ ନଡ଼ିଆ ବଗିଚା ସୃଷ୍ଟି କରିବାର ଯୋଜନା ରହିଛି । ଏହାଦ୍ୱାରା ଅଂଚଳର ସବୁଜିମା ବୃଦ୍ଧି ସହ ପରିବେଶର ସୌନ୍ଦର୍ଯ୍ୟ ବଢ଼ିବା ସହ ଭବିଷ୍ୟତରେ ଏହା ଏକ ଆକର୍ଷଣୀୟ ସ୍ଥାନ ଭାବେ ପରିଚିତ ହୋଇ ପାରିବ ।

# ଖଡ଼ିଆଳରେ ଜଗତ ଜନନୀ ମାଆ ଦୁର୍ଗାଙ୍କ ଶାରଦୀୟ ଦଶହରା ପର୍ବ ଆରମ୍ଭ: ପଟ୍ଟନାୟକ ପଡ଼ାରେ ନବରାତ୍ର ପୂଜା ଚଳଚଂଚଳ



ନୂଆପଡା/ଖଡ଼ିଆଳ (ନି.ପ୍ର): ନୂଆପଡ଼ା ଜିଲ୍ଲାର ମୁଖ୍ୟ ବାଣିଜ୍ୟକ କେନ୍ଦ୍ର ତଥା ଐତିହାସିକ ସହର ଖଡ଼ିଆଳର ପଟ୍ଟନାୟକ ପଡ଼ା ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ଚଳିତ ବର୍ଷର ଶାରଦୀୟ ଦଶହରା ତଥା ନବରାତ୍ର ମହୋତ୍ସବ ଅତ୍ୟନ୍ତ ଉତ୍ସାହ ଓ ଭକ୍ତିମୟ ପରିବେଶରେ ଆରମ୍ଭ ହୋଇଯାଇଛି । ଆଜି ଦ୍ୱିତୀୟ ଦିବସରେ ମାଆ ଦୁର୍ଗାଙ୍କର ଦ୍ୱିତୀୟ ସ୍ୱରୂପ ମା' ବ୍ରହ୍ମଚାରିଣୀ ବେଶରେ ସୁସଜ୍ଜିତ ହୋଇ ପୂଜାପାଉଛନ୍ତି । ପ୍ରକାଶ ଥାଉ କି, ମହାଳୟା ଅବସରରେ ମଣ୍ଡପରେ ଅଧିବାସ ଓ କଳସ ସ୍ଥାପନ କରାଯାଇଥିବା ବେଳେ ପ୍ରତିପଦା ତିଥିରୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ପ୍ରଥମ ଦିନରେ ମାଆ ଶୈଳପୁତ୍ରୀ ରୂପରେ ଷୋଡ଼ଶ ଉପଚାରରେ ପୂଜିତା ହୋଇଥିଲେ । ନବରାତ୍ରର ପ୍ରତିଦିନ ନୂତନ ବେଶ ଓ ଆଧ୍ୟାତ୍ମିକ ନୀତିକାନ୍ତି ସହିତ ମାଆଙ୍କ ଆରାଧନା କରାଯାଉଛି । ପୂଜା କମିଟିର ସୂଚନା ଅନୁଯାୟୀ, ଏହି ପୁରାତନ ପୂଜାମଣ୍ଡପରେ ୧୯୫୪ ମସିହାରୁ କ୍ରମାଗତ ଭାବେ ସାତ୍ତ୍ୱିକ ରୀତିନୀତିରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି । ପୂର୍ବରୁ ମଣ୍ଡପରେ ମୁଖ୍ୟତଃ ସପ୍ତମୀ, ଅଷ୍ଟମୀ, ନବମୀ ଓ ପବିତ୍ର ବିଜୟା ଦଶମୀ ପୂଜା କରାଯାଉଥିବା ବେଳେ ବର୍ତ୍ତମାନ ପରମ୍ପରାକୁ ବ୍ୟାପକ କରି ନବଦିନବ୍ୟାପୀ ସ୍ୱତନ୍ତ୍ର ନବରାତ୍ର ପୂଜା ଅନୁଷ୍ଠିତ ହେଉଛି । ମାଆଙ୍କ ଏହି ମଣ୍ଡପରେ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ମାଆଙ୍କୁ ଭବ୍ୟ ଭାବରେ ସୁସଜ୍ଜିତ କରାଯାଇଛି, ଯାହାକି ଦର୍ଶକଙ୍କ ମନ ମୋହୁଛି । ନବଦିନ ଧରି ଚାଲିଥିବା ଏହି ପୂଜା ଉତ୍ସବରେ ପ୍ରତିଦିନ ସକାଳ ଓ ସନ୍ଧ୍ୟା ଆଳତୀ ସମୟରେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି । ପ୍ରତିଦିନ ସନ୍ଧ୍ୟାରେ ମୁଖ୍ୟ ପୂଜକଙ୍କ ଦ୍ୱାରା ଦିନର ମହତ୍ତ୍ୱ ଏବଂ ମାଆଙ୍କ ବିଭିନ୍ନ ଅବତାର ଉପରେ ଆଲୋକପାତ କରାଯାଉଛି । ଏହାସହ ସନ୍ଧ୍ୟା ଆଳତୀ ପରେ ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ଓ ଭୋଗ ବଂଟନ କରାଯାଉଛି । ପଟ୍ଟନାୟକ ପଡ଼ା କମିଟିର କର୍ମକର୍ତ୍ତାମାନଙ୍କର ସକ୍ରିୟ ସହଯୋଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଉତ୍ସାହ ଯୋଗୁଁ ଏହି ପୂଜା ଖଡ଼ିଆଳ ସହରର ଏକ ପ୍ରମୁଖ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ପରିଚିତ ହୋଇପାରିଛି ।

## ଶାରଦୀୟ ନବରାତ୍ରି: ମା' ଦୁର୍ଗାଙ୍କ ଆରାଧନା ମାଧ୍ୟମରେ ନାରୀଶକ୍ତିର ଜାଗରଣ

### ନବଦିନାତ୍ମକ ଆଧ୍ୟାତ୍ମିକ ସାଧନା, ଆତ୍ମବଳ ଏବଂ ସଶକ୍ତ ସମାଜ ଗଠନ ପାଇଁ ସଂକଳ୍ପ

**ଶ୍ରୀମତୀ ସାବିତ୍ରୀ ଠାକୁର**

ଶାରଦୀୟ ନବରାତ୍ରି ଭାରତୀୟ ସଂସ୍କୃତିର ଏକ ପବିତ୍ର ପର୍ବ, ଯାହା ଶକ୍ତି, ଆସ୍ଥା, ଆଧ୍ୟାତ୍ମିକ ସାଧନା ଏବଂ ଆତ୍ମଶୁଦ୍ଧିର ବାର୍ତ୍ତା ପ୍ରଦାନ କରେ । ମା' ଦୁର୍ଗାଙ୍କ ନବରୂପର ଆରାଧନା ଆମକୁ ନିଜ ଜୀବନରେ ସାହସ, ସଂଯମ, ଧୈର୍ଯ୍ୟ, କରୁଣା ଓ ଆତ୍ମବିଶ୍ୱାସକୁ ଆପଣାଇବା ପାଇଁ ପ୍ରେରଣା ଯୋଗାଇଥାଏ । ଏହି ନଅ ଦିନ କେବଳ ପୂଜାପାଠ ଓ ପ୍ରାର୍ଥନାର ଅବସର ନୁହେଁ, ବରଂ ନିଜ ଭିତରେ ଥିବା ଶକ୍ତିକୁ ଚିହ୍ନିବା ଏବଂ ସମାଜ ପ୍ରତି ଆମର ଦାୟିତ୍ୱ ପୂରଣ କରିବା ପାଇଁ ସଂକଳ୍ପ ନେବାର ଏକ ମହତ୍ୱପୂର୍ଣ୍ଣ ସମୟ । ନବରାତ୍ରିର ପ୍ରତ୍ୟେକ ଦିନ ଏକ ସ୍ୱତନ୍ତ୍ର ବାର୍ତ୍ତା ପ୍ରଦାନ କରେ । ମା' ଶୈଳପୁତ୍ରୀ ଦୃଢ଼ ସଂକଳ୍ପର ପ୍ରେରଣା ଦିଅନ୍ତି, ମା' ବ୍ରହ୍ମଚାରିଣୀ ତପସ୍ୟା ଓ ଅନୁଶାସନର ପ୍ରତୀକ, ମା' ଚନ୍ଦ୍ରଘଂଟା ସାହସର ପ୍ରତୀକ ହୋଇଥିବାବେଳେ ମା' କୁଷ୍ମାଣ୍ଡା ସୃଜନଶୀଳତାର ପ୍ରେରଣା ଦିଅନ୍ତି । ମା' ସ୍କନ୍ଦମାତା ମାତୃସ୍ନେହର ପ୍ରତୀକ, ମା' କାତ୍ୟାୟନୀ ଅନ୍ୟାୟ ବିରୋଧରେ ସଂଘର୍ଷର ପ୍ରେରଣା, ମା' କାଳରାତ୍ରୀ ନିର୍ଭୀକତାର ପ୍ରତୀକ, ମା' ମହାଗୌରୀ ପବିତ୍ରତାର ପ୍ରତୀକ ଏବଂ ମା' ସିଦ୍ଧିଦାତ୍ରୀ ଆଧ୍ୟାତ୍ମିକ ସାଧନାର ସିଦ୍ଧି ଓ ସଫଳତାର ପ୍ରତୀକ । ଉପବାସ, ଧ୍ୟାନ, ମନ୍ତ୍ରଜପ ଓ ସେବା ମାଧ୍ୟମରେ ଆମେ ମନକୁ ଏକାଗ୍ର କରିବା ସହ ଜୀବନରେ ସକାରାତ୍ମକତା ଓ ଅନୁଶାସନ ଆଣିପାରିବା । ପ୍ରକୃତ ଆଧ୍ୟାତ୍ମିକ ସାଧନା ହେଉଛି ତାହା, ଯାହା ଆମର ଚିନ୍ତାଧାରାକୁ ପବିତ୍ର କରେ, ଆଚରଣରେ ସମ୍ବେଦନଶୀଳତା ଆଣେ ଏବଂ ଅନ୍ୟମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ପ୍ରେରିତ କରେ । ଦେବୀଙ୍କ ଆରାଧନା ଓ ନାରୀଶକ୍ତିର ସମ୍ମାନ ଭାରତୀୟ ପରମ୍ପରାରେ ନାରୀଙ୍କୁ ଶକ୍ତି ବା ଦିବ୍ୟ ନାରୀଶକ୍ତିର ସ୍ୱରୂପ ଭାବେ ଗ୍ରହଣ କରାଯାଏ । ମା' ଦୁର୍ଗାଙ୍କ ସ୍ୱରୂପ ଆମକୁ ସ୍ମରଣ କରାଇଦିଏ ଯେ ସ୍ନେହ ଓ କରୁଣା ସହିତ ନାରୀଙ୍କ ମଧ୍ୟରେ ଅପାର ସାହସ, ନେତୃତ୍ୱ ଦକ୍ଷତା ଏବଂ ଆହ୍ୱାନର ମୁକାବିଲା କରିବାର ଅସାଧାରଣ କ୍ଷମତା ରହିଛି । ଆଜି ନାରୀମାନେ ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ପ୍ରଶାସନ, ଉଦ୍ୟୋଗ, କୃଷି ଓ ରାଜନୀତି ସମେତ ପ୍ରତ୍ୟେକ କ୍ଷେତ୍ରରେ ନିଜର ପ୍ରତିଭା ଓ ଦକ୍ଷତାର ପରିଚୟ ଦେଉଛନ୍ତି । ନାରୀଙ୍କ ପ୍ରକୃତ ସମ୍ମାନ କେବଳ ଦେବୀଙ୍କ ପୂଜାରେ ସୀମିତ ରହିବା ଉଚିତ ନୁହେଁ । ପ୍ରତ୍ୟେକ ଝିଅ ଯେପରି ଶିକ୍ଷା, ସ୍ୱାସ୍ଥ୍ୟସେବା, ସୁରକ୍ଷା ଓ ଅଗ୍ରଗତି ପାଇଁ ସମାନ ସୁଯୋଗ ପାଇପାରିବ, ତାହା ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ । ନାରୀଙ୍କୁ ଆତ୍ମନିର୍ଭର କରିବା, ସେମାନଙ୍କ ନିଷ୍ପତିକୁ ସମ୍ମାନ ଦେବା ଏବଂ ଭେଦଭାବମୁକ୍ତ ପରିବେଶ ଯୋଗାଇଦେବା ପାଇଁ ଆମର ପ୍ରୟାସ ହିଁ ଦେବୀଙ୍କ ଆରାଧନାକୁ ପ୍ରକୃତ ଅର୍ଥ ପ୍ରଦାନ କରେ । ଯେତେବେଳେ ଜଣେ ନାରୀ ଶିକ୍ଷିତ ଓ ଆତ୍ମନିର୍ଭର ହୁଅନ୍ତି, ସେତେବେଳେ ତାଙ୍କର ସକାରାତ୍ମକ ପ୍ରଭାବ ସମଗ୍ର ପରିବାର ଓ ସମାଜ ଉପରେ ପଡ଼ିଥାଏ । ତେଣୁ ନାରୀ ସଶକ୍ତୀକରଣ କେବଳ ନାରୀଙ୍କ ବିକାଶର ବିଷୟ ନୁହେଁ; ଏହା ଜାତୀୟ ପ୍ରଗତିର ଏକ ମୂଳଦୁଆ । ନାରୀଙ୍କ ପ୍ରତି ସମ୍ମାନରୁ ରାଷ୍ଟ୍ର ନିର୍ମାଣ ଦିଗରେ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳା ଓ ଶିଶୁ ବିକାଶର ଏକ ନୂତନ ଦୃଷ୍ଟିକୋଣ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ମହିଳା ଓ ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ, ସୁସ୍ଥ ତଥା ସୁଯୋଗପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛି । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି, ବାଳିକା ଶିକ୍ଷା, ମହିଳାଙ୍କ ସୁରକ୍ଷା ଏବଂ ଆର୍ଥିକ ସ୍ୱାବଲମ୍ବନ ଆମର ସାମୂହିକ ପ୍ରୟାସର ପ୍ରମୁଖ ପ୍ରାଥମିକତା ମଧ୍ୟରେ ରହିଛି । ମହିଳା ସଶକ୍ତୀକରଣକୁ ଜାତୀୟ ବିକାଶର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଉଦ୍ଦେଶ୍ୟରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାରଙ୍କ ଦୃଷ୍ଟିକୋଣ କେବଳ ମହିଳାଙ୍କ ବିକାଶରେ ସୀମିତ ନୁହେଁ; ବରଂ ମହିଳାମାନେ ଯେପରି ବିକାଶ ପ୍ରକ୍ରିୟାର ନେତୃତ୍ୱ ନେଇପାରିବେ, ତାହା ସୁନିଶ୍ଚିତ କରିବା ମଧ୍ୟ ଏହାର ଲକ୍ଷ୍ୟ । ଏହି ଦିଗରେ ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ଏକ ଐତିହାସିକ ପଦକ୍ଷେପ । ଏହି ଅଧିନିୟମରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ- ତୃତୀୟାଂଶ, ଅର୍ଥାତ୍ ୩୩ ପ୍ରତିଶତ ଆସନ ସଂରକ୍ଷଣର ବ୍ୟବସ୍ଥା ରହିଛି । ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ସହିତ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ଭୂମିକାକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । କେନ୍ଦ୍ର ସରକାର ମହିଳାଙ୍କ ସାମାଜିକ, ଆର୍ଥିକ ଓ ରାଜନୈତିକ ସଶକ୍ତୀକରଣ ସହିତ ସେମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରାଥମିକତା ଦେଇଛନ୍ତି । 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ କନ୍ୟା ସନ୍ତାନଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ସହିତ ସେମାନଙ୍କ ଶିକ୍ଷାକୁ ପ୍ରୋତ୍ସାହିତ କରୁଛି । 'ମିଶନ ଶକ୍ତି' ମହିଳାଙ୍କ ସୁରକ୍ଷା, ସହାୟତା ଓ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିବାବେଳେ 'ସକ୍ଷମ ଅଙ୍ଗନବାଡ଼ି ଓ ପୋଷଣ ୨.୦' ମାତୃ ଓ ଶିଶୁ ପୁଷ୍ଟିକୁ ସୁଦୃଢ଼ କରୁଛି । 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା' ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ଯୋଗ୍ୟ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏହି ନବରାତ୍ରିରେ ନାରୀଙ୍କୁ ସମ୍ମାନ ଓ ସେବା କରିବାକୁ ସଂକଳ୍ପ ନେବା ଶାରଦୀୟ ନବରାତ୍ରି ଆମକୁ ଶିକ୍ଷା ଦିଏ ଯେ ଶକ୍ତିର ପ୍ରକୃତ ଅର୍ଥ କେବଳ କ୍ଷମତାର ଅଧିକାରୀ ହେବା ନୁହେଁ; ବରଂ ସତ୍ୟ, ନ୍ୟାୟ ଓ ଜନକଲ୍ୟାଣ ପାଇଁ ସେହି ଶକ୍ତିର ଉପଯୋଗ କରିବା ହିଁ ଏହାର ପ୍ରକୃତ ଉଦ୍ଦେଶ୍ୟ । ଏହି ପବିତ୍ର ଅବସରରେ ଆସନ୍ତୁ, ଆମେ ସମସ୍ତେ ବାଳିକାମାନଙ୍କୁ ଆଗକୁ ବଢ଼ିବା ପାଇଁ ସୁଯୋଗ ପ୍ରଦାନ କରିବା, ମହିଳାଙ୍କ ଅବଦାନକୁ ସମ୍ମାନ ଦେବା ଏବଂ ଆବଶ୍ୟକତାରେ ଥିବା ମହିଳା ଓ ଶିଶୁମାନଙ୍କୁ ସହାୟତା କରିବା ପାଇଁ ଆଗେଇ ଆସିବା । ଏହି ନଅ ଦିନର ଆଧ୍ୟାତ୍ମିକ ସାଧନାକୁ ଆମ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ଏକ ମାଧ୍ୟମରେ ପରିଣତ କରିବା । ଆମର ଆସ୍ଥା ଆମ ପାଇଁ ଆନ୍ତରିକ ଶକ୍ତିର ଉତ୍ସ ହେଉ, ଆମର ଭକ୍ତି ସେବାର ପଥ ପ୍ରଶସ୍ତ କରୁ ଏବଂ ଆମର ସଂକଳ୍ପ ମହିଳା ସଶକ୍ତୀକରଣ ଓ ଶିଶୁ କଲ୍ୟାଣକୁ ଏକ ନୂତନ ଦିଗ ପ୍ରଦାନ କରୁ । ଆମେ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ ତାଙ୍କ କୃପାରୁ ପ୍ରତ୍ୟେକ ପରିବାର ସୁଖ, ଶାନ୍ତି ଓ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ; ପ୍ରତ୍ୟେକ ମହିଳା ଆତ୍ମସମ୍ମାନର ସହିତ ଜୀବନଯାପନ କରିବା ଓ ସ୍ୱାବଲମ୍ବୀ ହେବାର ଶକ୍ତି ଲାଭ କରନ୍ତୁ; ଏବଂ ପ୍ରତ୍ୟେକ ବାଳିକା ନିଜର ସ୍ୱପ୍ନ ପୂରଣ କରିପାରୁ । ଆସନ୍ତୁ, ଆମେ ସମସ୍ତେ ମିଳିତ ଭାବେ ଏପରି ଏକ ଭାରତ ଗଠନ କରିବା, ଯେଉଁଠାରେ ମହିଳାମାନେ ସମ୍ମାନ ପାଇବେ, ଶିଶୁମାନଙ୍କ ଭବିଷ୍ୟତ ସୁରକ୍ଷିତ ରହିବ ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ସମାନ ସୁଯୋଗ ପହଂଚି ପାରିବ । ଶାରଦୀୟ ନବରାତ୍ରି ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ । ଜୟ ମାତା ଦୀ !

***(ଲେଖକ କେନ୍ଦ୍ର ସରକାରରେ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟରତ)***

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ପାଂଚଟି ବିଭାଗର ଅଭିଜ୍ଞ ଡାକ୍ତରୀ ଦଳ ଯୋଗଦେଇ ଭିନ୍ନକ୍ଷମଙ୍କ ପଞ୍ଜିକରଣ ସହ ଡାକ୍ତରୀ ପରୀକ୍ଷା କରିଥିଲେ । ଶିବିରରେ ଶିଶୁ ବିଭାଗରେ ୩୫ ଜଣ, ଚକ୍ଷୁ ବିଭାଗରେ ୮୩ ଜଣ, ଚଳନ ଜନିତ ଭିନ୍ନକ୍ଷମ ବିଭାଗରେ ୨୦୫ ଜଣ, ଶ୍ରବଣ ଜନିତ ଭିନ୍ନକ୍ଷମ ବିଭାଗରେ ୬୧ ଜଣ ଏବଂ ବୌଦ୍ଧିକ ଭିନ୍ନକ୍ଷମ ବିଭାଗରେ ୬୫ ଜଣଙ୍କ ପଞ୍ଜିକରଣ ସହ ଡାକ୍ତରୀ ପରୀକ୍ଷା କରାଯାଇ ଥିଲା । ଏହିପରି ମୋଟ ୪୪୯ ଜଣଙ୍କ ପଞ୍ଜିକରଣ ଓ ଡାକ୍ତରୀ ପରୀକ୍ଷା ହୋଇଥିବା ଜଣାପଡ଼ିଛି । ଏହି ଅବସରରେ ପୂର୍ବରୁ ଆବେଦନ କରିଥିବା ଜଣେ ହିତାଧିକାରୀଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା ।

## ବୟସ୍କ ବ୍ୟକ୍ତିଙ୍କୁ ପରିଚୟ ପତ୍ର ବଂଟନ

ସିମୁଳିଆ(ନିପ୍ର): ସିମୁଳିଆ ପୋଲିସ ପ୍ରଶାସନ ପକ୍ଷରୁ ସିମୁଳିଆ ବ୍ଲକରେ ବୟସ୍କ ବ୍ୟକ୍ତିଙ୍କୁ ପରିଚୟ ପତ୍ର ବଂଟନ କରାଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକର ୧୮ଟି ପଂଚାୟତର ବୟସ୍କ ନାଗରିକ କଲ୍ୟାଣ ପରିଷଦର ୧୨୨ଜଣ ବରିଷ୍ଠଙ୍କୁ ସିମୁଳିଆ ବ୍ଲକ ପରିସରରେ ସିମୁଳିଆ ପୋଲିସ ପକ୍ଷରୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଛି କ୍ଷ ଆଜି ସିମୁଳିଆ ବ୍ଲକ ସମ୍ମିଳନୀ କକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବୟସ୍କ କଲ୍ୟାଣ ପରିଷଦର ସଭାପତି ପଦ୍ମଲୋଚନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ ଯୋଗଦେଇ ସଭା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏବିଡ଼ିଓ ଶୁଚିସ୍ମିତା ନାୟକ, ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ସମ୍ପାଦକ ବୀରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ବରିଷ୍ଠଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନା ଯୋଗଦେଇ ବୟସ୍କ ବ୍ୟକ୍ତି ବିଶେଷ ଥାନାରେ ଆବଶ୍ୟକ ପଡ଼ିରେ ସେମାନେ ପରିଚୟ ଦେଲେ ସେମାନଙ୍କୁ ଆଗ୍ରଅଧିକାର ସାହାଯ୍ୟ ଦେବାକୁ ପରାମର୍ଶ ଦେବା ସହ ଦେହ ଅସୁସ୍ଥ ହେଲେ ୧୦୮ଆମ୍ବୁଲାନ୍ସ ଆଣିବାରେ ବିଳମ୍ବ କଲେ ବ୍ୟକ୍ତିଗତ ଫୋନରେ କଲ କଲେ ଥାନା ପକ୍ଷରୁ ସେମାନଙ୍କୁ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣି ପହଂଚାଇବାକୁ ପ୍ରତିଶୃତି ଦେଇଥିଲେ । ଶେଷରେ ସହ ସମ୍ପାଦକ ଶିବ ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ସଦସ୍ୟ ସର୍ବଶ୍ରୀ କମଳା କାନ୍ତ ନାୟକ, ଉପଦେଷ୍ଟା ରମାକାନ୍ତ ପରିହାରୀ, ପ୍ରଦୀପ କୁମାର ନାୟକ, ଗଣନାଥ ସାହୁ, ବାଇଧର ମହାକୁଡ଼, ହର ନାରାୟଣ ପଣ୍ଡା, ଡ଼. ନାରାୟଣ ପଲେଇ, ପ୍ରଫୁଲ୍ଲ କୁମାର ସେନାପତି, ବୁଲୁ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ତ୍ରିଶୁଳିଆରେ ଆଂଶିକାର ଦ୍ୱିତୀୟ ଷ୍ଟୋର ଉଦ୍‌ଘାଟିତ



କଟକ(ନିପ୍ର): ପାର୍ବଣ ଋତୁର ଆଗମନରେ ଆଂଶିକାର ଦ୍ୱିତୀୟ ଷ୍ଟୋର ତ୍ରିଶୁଳିଆ ନିକଟସ୍ଥ କୁନେହିପୁରଠାରେ ଉଦ୍‌ଘାଟିତ ହୋଇଯାଇଛି । ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏହି ନୂତନ ଷ୍ଟୋରକୁ ଉଦ୍‌ଘାଟନ କରିଥିଲେ । ଆଂଶିକାର ପ୍ରଥମ ଷ୍ଟୋର କଟକ ସିଡିଏଠାରେ ରହିଥିବାବେଳେ ଗ୍ରାହକଙ୍କ ଚାହିଦା ଓ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଷ୍ଟୋର ଖୋଲାଯାଇଛି । ଏଠାରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ପୋଷାକ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି ଷ୍ଟୋରର ମାଲିକ ଦୀପ୍ତିରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ଏହି ଷ୍ଟୋରରେ ବିଭିନ୍ନ ଡିଜାଇନ୍‌ର ସାଲୱାର, ମାଣିଆବନ୍ଧ ପାଟ ଶାଢ଼ି, ପ୍ୟାଂଟ, ସାର୍ଟ, ପଞ୍ଜାବୀ, ଆଧୁନିକ ପ୍ରସାଧନ ସାମଗ୍ରୀ ସହ ଶିଶୁ, ମହିଳା ଓ ପୁରୁଷଙ୍କ ପାଇଁ ବିଭିନ୍ନ ପ୍ରକାରର ପୋଷାକ ମିଳିପାରିବ । ଗ୍ରାହକମାନେ ନିଜ ପସନ୍ଦର ପୋଷାକ ଏଠାରୁ ସୁଲଭ ମୂଲ୍ୟରେ କିଣିପାରିବେ । ବିଶେଷକରି ପାର୍ବଣ ଋତୁକୁ ଆଖିଆଗରେ ରଖି ଷ୍ଟୋର ପକ୍ଷରୁ ବିଭିନ୍ନ ସାମଗ୍ରୀ ଉପରେ ରିହାତି ବ୍ୟବସ୍ଥା କରାଯାଇଛି ।

## କ୍ୟାମ୍ପସରେ ଜମୁଛି ଜୋରଦାର ପ୍ରଚାର



ଲଙ୍ଗଳେଶ୍ୱର(ନିପ୍ର): ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ କଲେଜ୍ କ୍ୟାମ୍ପସ ଆଜି ଚଳଚଂଚଳ । ଆସନ୍ତା ୧୫ ତାରୀଖ ରେ କ୍ୟାମ୍ପସ ଗୁଡିକରେ ଭୋଟ୍ ହେବାକୁ ଥିବା ବେଳେ, ରାଜନୈତିକ ମାହୋଲ୍ ବା ପ୍ରଚାର ମୈଦାନ୍ ଚଳଚଂଚଳ ହୋଇପଡିଛି । ବିଭିନ୍ନ ଛାତ୍ର ସଂଗଠନ, ଯେମିତି କି ଏବିଭିପି, ବିସିଜେଡି, ଆଇଏଏସ୍ ଓ ପରି ପ୍ରମୁଖ ଛାତ୍ର ସଂଗଠନ ନିଜ ନିଜର ପ୍ରାର୍ଥୀ ମୈଦାନ୍ ରେ ଓହ୍ଲାଇଥିବା ବେଳେ, ଶେଷ ମୁହୁର୍ତରେ ନିଜ ପକ୍ଷକୁ ଭୋଟ୍ ହାତେଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ତେବେ ସେହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଥିବା ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଓ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ, କ୍ୟାମ୍ପସ ରାଜନୀତି ଜୋର୍ ଧରିଛି । ଏହି କଲେଜ୍ ଦୁଇଟିରେ ମୁଖ୍ୟତଃ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେଉଛି । ତେବେ ଆଉ ମାତ୍ର ଗୋଟିଏ ଦିନ ପରେ ଭୋଟ୍ ହେବାକୁ ଥିବା ବେଳେ, ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଚାର ଯୋରଦାର ଚାଲିଛି । ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଗତକାଲି ବିଳମ୍ବିତ ରାତିରେ ଛାତ୍ର ସଂଗଠନ ଏବିଭିପି ଙ୍କ ପ୍ରାର୍ଥୀ ଉପରେ ଆଇ ଏସ ଏସ ଓ ଛାତ୍ର ସଂଗଠନ ପକ୍ଷରୁ ଆକ୍ରମଣ ଫଳରେ, ଦୁଇ ଛାତ୍ର ଆହତ ହୋଇଥିବା ବେଳେ, କ୍ୟାମ୍ପସ ଅଶାନ୍ତ ରହିଥିବା ବେଳେ, ଛାତ୍ର ବିଜେଡ଼ି ପକ୍ଷରୁ ଆଜି ଜୋରଦାର ପ୍ରଚାର କରାଯାଇଥିଲା । ତେବେ ଦିର୍ଘ ବର୍ଷପରେ ପୁଣି କ୍ୟାମ୍ପସ ଗୁଡିକରେ ଭୋଟ୍ ହେଉଥିବାରୁ, ପିଲା ତଥା ସ୍ଥାନୀୟ ନେତା ମାନେ ବେସ୍ ସକ୍ରୀୟ ଥିବାର ଦେଖିବାକୁ ମିଳୁଛି ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ସିମୁଳିଆ(ନିପ୍ର): ବାଟି କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବାଟି ପଂଚାୟତର ବାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଆରସିସି ଅଜୟ କୁମାର ପଣ୍ଡା ଯୋଗଦେଇ ଜଗନ୍ନାଥ ପ୍ରତିମୂର୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପାତ୍ରଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ଗୋପପ୍ରାଣ ମହାବିଦ୍ୟାଳୟରେ ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ସିଂ, ସମ୍ମାନୀତ ଅତିଥି ଭାବେ ସରପଂଚ ହରପ୍ରିୟା ମଳିକ, ସମିତି ସଭ୍ୟ କାଳନ୍ଦୀ ଚରଣ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମିଶ୍ର, ଶିକ୍ଷକ ଦେବବ୍ରତ ପାଣିଗ୍ରାହୀ, ବାଟି ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଧଳ, ପ୍ରଫୁଲ୍ଲ କୁମାର ଗ୍ରୋହାଚାର୍ଯ୍ୟ, ଓ ପରିଚାଳନା କମିଟି ସଭାପତି ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ସିଆରସିସି ସସ୍ମିତା ପଣ୍ଡା ମଂଚ ଆହ୍ୱାନ କରିବା ବେଦପାଠ କରିଥିଲେ କ୍ଷ ପରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ଶୃତଲିଖନ, ସାଧାରଣଜ୍ଞାନ, ଚିତ୍ରାଙ୍କନ, ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଙ୍କ ଦ୍ୱାରା ୯୬ଜଣ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଶିକ୍ଷକ ଶଙ୍କର୍ଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜମି ବିକ୍ରି ନାଁରେ ୨ ଲକ୍ଷ ଟଙ୍କା ଠକେଇ

ବ୍ରହ୍ମପୁର(ନିପ୍ର): ଜମି ବିକ୍ରି କରିବାର ପ୍ରତିଶ୍ରୁତି ଦେଇ ୨ ଲକ୍ଷ ଟଙ୍କା ଅଗ୍ରିମ ନେବା ପରେ ସେହି ଜମିକୁ ଅନ୍ୟ ଜଣଙ୍କ ନାମରେ ବିକ୍ରି କରିଦେବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି । ଏନେଇ ଗୋପାଳପୁର ଥାନା ଅନ୍ତର୍ଗତ ନୂଆ କମଳାପୁର ଗ୍ରାମର ବୋଇରି ରାଜା ରାଓ (୪୪) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ; ୨୦୨୬ ଜାନୁଆରୀ ୧୦ ତାରିଖରେ ରାଜା ଓ ପ୍ରଶାନ୍ତ ଚନ୍ଦ୍ର ମହାକୁଡ଼ଙ୍କ ମଧ୍ୟରେ ଜମି କିଣାବିକା ନେଇ ଚୁକ୍ତି ହୋଇଥିଲା । ଗୋପାଳପୁର ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ବିକ୍ରମପୁର ମୌଜାରେ ଥିବା ଖାତା ନମ୍ବର ୪୯୧/୮, ପ୍ଲଟ୍ ନମ୍ବର ୨୯୪/୨୫୬୦ର ୦.୦୪୧ ଡେସିମିଲ ଜମିକୁ ୩୮ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ଚୁକ୍ତି ହୋଇଥିଲା । ଏଥିପାଇଁ ଅଭିଯୁକ୍ତ ୨ ଲକ୍ଷ ଟଙ୍କା ଅଗ୍ରିମ ନେଇଥିବା ବେଳେ ଅବଶିଷ୍ଟ ୩୬ ଲକ୍ଷ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରି ଜମି ପଞ୍ଜୀକରଣ କରିବାକୁ ସ୍ଥିର ହୋଇଥିଲା । ତେବେ ପରବର୍ତୀ ସମୟରେ ଅଭିଯୋଗକାରୀ ଜମି ପଞ୍ଜୀକରଣ ପାଇଁ ପ୍ରଶାନ୍ତଙ୍କୁ ଯୋଗାଯୋଗ କରିବାରୁ ସେ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ । ଏହାରି ମଧ୍ୟରେ ଅଭିଯୋଗକାରୀଙ୍କ ଅଜାଣତରେ ପ୍ରଶାନ୍ତ ଉକ୍ତ ଜମିକୁ ମଂଚାପଲ୍ଲୀ ଅଂଚଳର କମନା କୁମାରୀ ମହାକୁଡ଼ଙ୍କ ନାମରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି । ଏଥିସହିତ ଜମିର ନାମଜାରି ମଧ୍ୟ କରାଯାଇଥିବା ଏତଲାରେ ଉଲ୍ଲେଖ ରହିଛି । ଏହି ଘଟଣା ଜାଣିବା ପରେ ଅଭିଯୋଗକାରୀ ନିଜର ୨ ଲକ୍ଷ ଟଙ୍କା ଫେରସ୍ତ ମାଗିଥିଲେ । ମାତ୍ର ପ୍ରଶାନ୍ତ ଟଙ୍କା ଫେରାଇ ନଥିବା ଅଭିଯୋଗ ହୋଇଛି । ଏପରିକି ହାଇଦ୍ରାବାଦର ଜଣେ ଓକିଲଙ୍କ ଜରିଆରେ ତାଙ୍କୁ ଆଇନଗତ ନୋଟିସ୍ ପଠାଯାଇଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି । ଏନେଇ ଅକ୍ଟୋବର ୧୨ ତାରିଖ ସନ୍ଧ୍ୟା ୭ଟାରେ ଗୋପାଳପୁର ଥାନାରେ ଅଭିଯୋଗ ଦାଖଲ ହୋଇଥିଲା । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ଇକୋ ସେନ୍ସିଟିଭ୍ ଜୋନ୍ ରେ ୧୩ଟି ଇଟା ଭାଟି ଶୁନ୍‌ଶାନ ପ୍ରତିବାଦରେ ରାସ୍ତା ରୋକ୍, ୬ଜଣ ଥାନାରେ ଅଟକ



ନୀଳଗିରି,(ନି.ପ୍ର.) ନୀଳଗିରୀ କୁଲଡ଼ିହା ଅଭୟାରଣ୍ୟର ଇକୋ ସେନ୍ସିଟିଭ୍ ଜୋନ୍ ରେ ଥିବା ୧୩ଗୋଟି ଇଟା ଭାଟି କୁ ଭାଙ୍ଗିବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳ, ନିଳଗିରି ଉପ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଥିବା ବେଳେ ଏହି ନିର୍ଦ୍ଦେଶକୁ ସମ୍ମାନ ଜଣାଇ ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲାର ସମସ୍ତ ଅଧିକାରୀ, ନିଳଗିରି ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ, ପୋଲିସ ପ୍ରଶାସନ ଆଦି ମିଳିତ ଭାବେ ମଙ୍ଗଳବାର ଦିନ ସକାଳେ ନିଳଗିରି ସନ୍ତରାଗଡିଆ ଅଂଚଳରେ ଥିବା ବେଆଇନ୍ ୧୩ଗୋଟି ଇଟା ଭାଟିକୁ ଭାଙ୍ଗି ମାଟିରେ ମିଶାଇ ଦିଆ ଯାଇଛି । ସୂଚନା ଅନୁଯାୟୀ ନିଳଗିରି ତହସିଲ ଅଧିନରେ ଥିବା ଉକ୍ତ ୧୪ ଗୋଟି ଇଟା ଭାଟି ଇକୋ ସେନ୍ସିଟିଭ୍ ଜୋନ୍ ରେ ରହିଥିବା ବେଳେ ଏହା ପୂର୍ବରୁ ଗୋଟିଏ ଇଟା ଭାଟିକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା । ମାତ୍ର ଏହି ୧୩ ଗୋଟି ଇଟା ଭାଟି ଇକୋ ସେନ୍ସିଟିଭ୍ ଜୋନ୍ ରେ ରହିଥିବା ବେଳେ କଣ ପାଇଁ ଭଙ୍ଗା ଗଲା ନାହିଁ ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଜୈନିକ ବ୍ୟକ୍ତି ଆଶ୍ରୟ ନେଇଥିଲେ । ଦୀର୍ଘ ମାସ ଧରି ଏହି ମାମଲା ବିଚାରଧୀନ ଥିବା ବେଳେ ଶେଷରେ ୧୩ଗୋଟି ଇଟା ଭାଟିକୁ ଭାଙ୍ଗିବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ । ୬ପ୍ଲାଟୁନ୍ ପୋଲିସ ଫୋର୍ସ, ଦୁଇ ଜଣ ଅତିରିକ୍ତ ଏସପି, ଏ ଡି ଏମ୍,, ସମେତ ସ୍ଥାନୀୟ ପ୍ରଶାସନ ମିଳିତ ଭାବେ ଜେ ପି ପି ଲଗାଇ ୧୩ଟି ଇଟା ଭାଟିକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି ଏହି ସବୁ ଇଟା ଭାଟି ନ ଭାଙ୍ଗିବା ପାଇଁ ଦାସରଥିପୁର ଛକ ନିକଟରେ ରାସ୍ତା ଅବରୋଧ କରିଥିବା ବେଳେ ୧୭ଜଣ ଙ୍କୁ ପୋଲିସ ଥାନାରେ ଅଟକ ରଖି ପରେ ଛାଡ଼ି ଦେଇଥିବାର ଦେଖିବାକୁ ମିଳିଛି । ଇଟାଭାଟି ଉଚ୍ଛେଦ ପ୍ରକ୍ରିୟା ସମୟରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସହିତ ଆଇ.ଏ.ଏସ ଉପ ଜିଲ୍ଲାପାଳ ଶିବ ମାଲ୍ୟ, ସହକାରୀ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ଓ ହେମନ୍ତ ସିଂହ, ନିଳଗିରି ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ନୀଳଗିରିର ଭାରପ୍ରାପ୍ତ ତହସିଲଦାର ଶୁଭଶ୍ରୀ ଜେନା, ବିଡିଓ ବିକ୍ରମ କେଶରୀ ପରିଡ଼ା, ଅତିରିକ୍ତ ଏସ ପ୍ରମୋଦ କୁମାର ମଲ୍ଲିକ, ନିଳଗିରି ଏସ ଡି ପି ଓ ନିର୍ମଳା ଗୋଛାୟତ, ଆଇ ଆଇ ସି ଗୋବର୍ଦ୍ଧନ ନାୟକ, ବାଲେଶ୍ୱର ଡି ଏଫ୍ ଓ, ଖଣି ବିଭାଗ, ପୂର୍ତ୍ତ ବିଭାଗ, ବିଦ୍ୟୁତ ବିଭାଗ, ଅଗ୍ନିଶମ ବିଭାଗର ସମସ୍ତ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନପ୍ରତିଯୋଗିତା

ନୟାଗଡ(ନି.ପ୍ର.) -ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଜାରି କରାଯାଇଥିବା ଝଙଚ (କାର୍ଯ୍ୟ-ପଦ୍ଧତି ନିୟମାବଳୀ) ଅନୁଯାୟୀ, ନୟାଗଡ଼ ଆଂଚଳିକ ପରିବହନ କାର୍ଯ୍ୟାଳୟ (ଜଞ୍ଜଡ) ପକ୍ଷରୁ ନୟାଗଡ଼ ସ୍ଥିତ ବ୍ରଜେନ୍ଦ୍ର ହାଇସ୍କୁଲରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ସ୍ଲୋଗାନ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହିପ୍ରତିଯୋଗିତାରେ ଅଷ୍ଟମରୁ ଦଶମ ଶ୍ରେଣୀର ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୟାଗଡ଼ର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଆଂଚଳିକ ପରିବହନ ଅଧିକାରୀ (ଜଞ୍ଜଡ), ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସମେତ ଜଞ୍ଜଡ ଏବଂ ଶିକ୍ଷା ବିଭାଗର ଅଧିକାରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ । ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା ଓ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁ' ।

# ୧୨ ବର୍ଷ ପରେ ଧାମନଗର କଲେଜରେ ଗଣତନ୍ତ୍ରର ମହାପର୍ବ !

## ରାତି ପାହିଲେ ଭୋଟ ଲଢ଼େଇ; ଏବିଭିପି-ବିସିଜେଡି ମୁହାଁମୁହିଁ

ଧାମନଗର, (ନି.ପ୍ର.) ଦୀର୍ଘ ୧୨ ବର୍ଷର ଅପେକ୍ଷାରେ ପଡ଼ିବ ପୂର୍ଣ୍ଣଚ୍ଛେଦ । ଭୋଟ ର ଉତ୍ସାହ, ବିଜୟର ଆଶା ଓ ରାଜନୈତିକ ପତିଆରାର ଲଢ଼େଇରେ ଆସନ୍ତାକାଲି ସରଗରମ ହେବ ଧାମନଗର ମହାବିଦ୍ୟାଳୟ । କ୍ୟାମ୍ପସରେ କାହାର ବାଜିମାତ ହେବ, କିଏ ପିନ୍ଧିବ ବିଜୟର ମୁକୁଟ—ତାହାକୁ ନେଇ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ରାଜନୈତିକ ମହଲ ପର୍ଯ୍ୟନ୍ତ ଚର୍ଚ୍ଚା ଜୋ?ର ଧରିଛି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ମଧ୍ୟରେ ଚାଲିଛି ଜୋରଦାର ଟକ୍କର । ମୋଟ ୬୦୨ ଭୋଟରଙ୍କ ମତଦାନ ଏହି ମହାମୁକାବିଲାର ଭାଗ୍ୟ ନିର୍ଣ୍ଣୟ କରିବ ।

ଏହି ନିର୍ବାଚନର ସବୁଠାରୁ ଚର୍ଚ୍ଚିତ ଲଢ଼େଇ ହେଉଛି ସଭାପତି ଓ ସମ୍ପାଦକ ପଦ । ସଭାପତି ପଦ ପାଇଁ ଏବିଭିପିର ଜଗନ୍ନାଥ ମାଝୀ ଓ ବିସିଜେଡିର ସ୍ମିତିରେଖା ବେହେରା ମଇଦାନରେ ଥିବାବେଳେ ସମ୍ପାଦକ ପଦ ପାଇଁ ଏବିଭିପିର ଚିନ୍ମୟ ପାତ୍ର ଓ ବିସିଜେଡିର କଳ୍ପନା ସାହୁଙ୍କ ମଧ୍ୟରେ ହେବ କଡ଼ା ମୁକାବିଲା । ଉଭୟ ପଦବୀରେ ବିଜୟ ହାସଲ କରିବା ଦୁଇ ସଂଗଠନ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ଭୋଟରଙ୍କ ନିଷ୍ପ□ ହିଁ ଖୋଲିବ ବିଜୟର ରାସ୍ତା । ନାମାଙ୍କନ ପ୍ରତ୍ୟାହାର ଓ କେତେକ ପ୍ରାର୍ଥିପତ୍ର ନାକଚ ପରେ ୧୩ଟି ପଦବୀରେ ଏବିଭିପି ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବାବେଳେ ଗୋଟିଏ ପଦବୀ ଖାଲି ରହିଛି । ଅନ୍ୟପକ୍ଷରେ, ଅବଶିଷ୍ଟ ୯ଟି ପଦବୀ ପାଇଁ ଅକ୍ଟୋବର ୧୫ ତାରିଖରେ ହେବ ସିଧାସଳଖ ଭୋଟ୍? ଲଢ଼େଇ । ଏହି ଆସନଗୁଡ଼ିକର ଫଳାଫଳ କଲେଜ ଛାତ୍ର ରାଜନୀତିର ଆଗାମୀ ଚିତ୍ରକୁ ପ୍ରଭାବିତ କରିପାରେ । ମତଦାନ ପୂର୍ବରୁ ଉଭୟ ସଂଗଠନ ନିଜ ନିଜ ପ୍ରଚାରକୁ ଶେଷ ପର୍ଯ୍ୟାୟରେ ଜୋରଦାର କରିଛନ୍ତି । କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା ସହ






ଫେସବୁକ୍?, ହ୍ୱାଟ୍ସଆପ୍? ଓ ଇନଷ୍ଟାଗ୍ରାମରେ ପୋଷ୍ଟର, ଫଟୋ ଓ ଭିଡିଓ ମାଧ୍ୟମରେ ଭୋଟରଙ୍କ ମନ ଜିଣିବାକୁ ଚାଲିଛି ପ୍ରୟାସ । ରବିବାର କଲେଜ ବନ୍ଦ ଥିଲେ ମଧ୍ୟ ପ୍ରାର୍ଥୀମାନେ ଘରକୁ ଘର ଯାଇ ସମର୍ଥନ ଲୋଡ଼ିଥିବା ଜଣାପଡ଼ିଛି । ଶେଷ ମୁହୂର୍ତ୍ତରେ କାହାର ପ୍ରଚାର ରଣନୀତି ଭୋଟରଙ୍କୁ ଅଧିକ ପ୍ରଭାବିତ କରୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର । ଏଥର ନିର୍ବାଚନ କେବଳ ଦୁଇ ସଂଗଠନର ପତିଆରା ଲଢ଼େଇରେ ସୀମିତ ନୁହେଁ । ଶିକ୍ଷାର ମାନ, କ୍ୟାମ୍ପସର ପରିବେଶ, ଛାତ୍ରଛାତ୍ରୀଙ୍କ ସମସ୍ୟା, ଅଧିକାର ଓ ସ୍ୱାର୍ଥ ଭଳି ପ୍ରସଙ୍ଗ ମଧ୍ୟ ଗୁରୁତ୍ୱ ବହନ କରୁଛି । ୧୪ ରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ଶୀର୍ଷକ ବୈଠକ ହେବାକୁ ଥିବାବେଳେ ୧୫ ତାରିଖ ଗୁରୁବାର ହେବ ମତଦାନ । ଦୀର୍ଘ ୧୨ ବର୍ଷ ପରେ ଧାମନଗର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ହେଉଥିବାରୁ ଏହା କେବଳ ଏକ କଲେଜ ନିର୍ବାଚନ ନୁହେଁ, ବରଂ ଛାତ୍ର ରାଜନୀତିର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ । ଏବିଭିପି ନିଜର ପ୍ରଭାବ ବଜାୟ ରଖିବ ନା ବିସିଜେଡି ମୁଖ୍ୟ ପଦବୀରେ ବିଜୟୀ ହୋଇ ନୂଆ ସମୀକରଣ ସୃଷ୍ଟି କରିବ—ଏହାର ଉତ୍ତର ଦେବେ ୬୦୨ ଭୋଟର । ଏବେ ସମସ୍ତଙ୍କ ନଜର ମତଦାନ ଉପରେ; ଆଉ ଅପେକ୍ଷା ଗଣତନ୍ତ୍ରର ସେହି ରାୟକୁ ।

# ବେତନଟୀରେ ମାଲବାହୀ ଅଟୋ ଜବତ

ବେତନଟୀ(ନି ପ୍ର)ଟିକସ ଫାଙ୍କି ବେଆଇନ ଭାବେ ଗୁଟଖା ଚାଲାଣ କରୁଥିବା ଏକ ମାଲବାହୀ ଅଟୋକୁ ବେତନଟୀ ଥାନା ପୁଲିସ ଜବତ କରିଛି । ପରବର୍ତ୍ତୀ ସମୟରେ ଜିଏସ୍?ଟି ବିଭାଗ ପକ୍ଷରୁ ଯାଂଚ ପରେ ସମ୍ପୃକ୍ତ ଗାଡ଼ି ଉପରେ ୨ ଲକ୍ଷ ଟଙ୍କାର ମୋଟା ଅଙ୍କର ଜରିମାନା ଲଗାଯାଇ ତାହା ଆଦାୟ କରାଯାଇଛି । ମିଳିଥିବା ସୂଚନା ମୁତାବକ, ଉକ୍ତ ମାଲବାହୀ ଅଟୋଟି ବିପୁଳ ପରିମାଣର ଗୁଟଖା ବୋଝେଇ କରି ବେତନଟୀ ବଜାର ଅଂଚଳକୁ ଆସୁଥିଲା । ତେବେ ଉପଯୁକ୍ତ କାଗଜପତ୍ର ଅଭାବ ଓ ଜିଏସ୍?ଟି ଫାଙ୍କିବା ସନ୍ଦେହରେ ପୁଲିସ ଗାଡ଼ିଟିକୁ ଅଟକାଇ ଯାଂଚ କରିବା ସହ ଜବତ କରିଥିଲା । ଘଟଣାର ଅଧିକ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ଗାଡ଼ିଟିକୁ ବାଣିଜ୍ୟକର (ଜିଏସ୍‌ଟି) ବିଭାଗକୁ ହସ୍ତାନ୍ତର କରିଥିଲା । ଜିଏସ୍?ଟି ଅଧିକାରୀମାନେ କାଗଜପତ୍ର ଓ ସାମଗ୍ରୀର ମୂଲ୍ୟାଙ୍କନ କରିବା ପରେ ୨ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରିଥିଲେ ଏବଂ ତାହା ସଫଳତାର ସହ ଆଦାୟ କରାଯାଇଛି । ସ୍ଥାନୀୟ ଅଂଚଳରେ ଏଭଳି ଟିକସ ଫାଙ୍କି ବେପାର ରୋକିବା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ନଜର ରଖାଯାଇଥିବା ଜଣାପଡ଼ିଛି ।

# ପାଲଙ୍ଗ ପଂଚାୟତରେ 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ

ବ୍ରହ୍ମପୁର / ଗଞ୍ଜାମ(ନି.ପ୍ର.): ଗଞ୍ଜାମ ବ୍ଲକ୍? ଅନ୍ତର୍ଗତ ପାଲଙ୍ଗ ପଂଚାୟତରେ ଆଜି 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ଓ ଗଞ୍ଜାମ ବ୍ଲକ୍?ର ବିଡିଓ ଅଚ୍ୟୁତାନନ୍ଦ ଜାନୀଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, କର୍ମଚାରୀ ଓ ଗ୍ରାମବାସୀ ଯୋଗଦେଇଥିଲେ । ଏହି ଅବସରରେ ସାମୂହିକ ସଫେଇ କାର୍ଯ୍ୟ କରାଯିବା ସହ ପ୍ଲାଷ୍ଟିକ୍? ବ୍ୟବହାର ହ୍ରାସ, ଆବର୍ଜନାର ସଠିକ୍? ପରିଚାଳନା ଏବଂ ନିଜ ଗାଁକୁ ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ରଖିବା ପାଇଁ ଉପସ୍ଥିତ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଏଥିସହ ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

# ଗୋରୁ ବୋଝେଇ ପିକଅପରୁ ୧୨ ଗୋରୁ ଉଦ୍ଧାର

ସୋର(ନି.ପ୍ର.): ସୋର କୁପାରୀ ରାସ୍ତା ସରଶଙ୍ଖ ଛକ ନିକଟରେ ଏକ ଗୋରୁ ବୋଝେଇ ପିକଅପରୁ ୧୨ ଗୋରୁଙ୍କୁ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଗୋରୁ ଚାଲାଣ ହେଉଥିବା ଖବର ପାଇ କିଛି ଗୋରକ୍ଷକ ନଦୀଗାଁ ଛକ ନିକଟରେ ଜଗି ରହିଥିଲେ । ଏହି ସମୟରେ କୁପାରିରୁ ସୋର ଅଭିମୁଖେ ଆସୁଥିବା ଏକ ଗୋରୁ ବୋଝେଇ ପିକଅପକୁ ଅଟକାଇବା ସମୟରେ ଗାଡିଟି ଦ୍ରୁତ ଗତିରେ ଯାଇ ରାସ୍ତା କଡରେ ଥିବା ଏକ ଦୋକାନ ଓ ପରେ ଏକ ଗଛକୁ ଧକା ଦେଇଥିଲା । ଏହି ସମୟରେ ଗାଡିର ଚାଳକ ଓ ହେଲପର ଦୁଇଜଣ ଫେରାର ହୋଇଯାଇଥିବା ବେଳେ ଗାଡିରୁ ୧୨ ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା । ଖବର ପାଇ ସୋର ପୁଲିସ ଗୋରୁମାନଙ୍କୁ ସୋର ଗୋଶାଳାରେ ଛାଡିବା ସହିତ ଗାଡିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ସୋର ବ୍ଲକରେ ସେବା ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ

ସୋର,(ନି.ପ୍ର.): ସୋର ବ୍ଲକ ପରିସରରେ ସେବା ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା ଅନୁସୟା ମଳିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକ ମାନଙ୍କ ସମସ୍ୟା ବୁଝିବା ସହିତ ଯେଉଁମାନେ ଯୋଗ୍ୟ ବିବେଚିତ ହୋଇଥିଲେ ସେମାନଙ୍କର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅବସରରେ ୧୧ଜଣ ହିତାଧିକାରୀଙ୍କୁ ରାସନ କାର୍ଡ, ୭ଜଣଙ୍କୁ ଶ୍ରମିକ କାର୍ଡ ଓ ସ୍ୱଚ୍ଛଭାରତ ଅଭିଯାନ ମିଶନରେ ୩୩ଜଣ ପାଇଖାନା ପାଇଁ କାର୍ଯ୍ୟାଦେଶ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସୋର ବିଡିଓ ସୁବ୍ରତ ବେହେରାଳ ତଦାରଖ କରିଥିବା ବେଳେ ଜିପିଓ ଅଭିଷେକ ପଣ୍ଡା ପରିଚାଳନା କରିଥିଲେ । ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ଟିଖାଲି ଗାଁରେ ଦୀର୍ଘ ଦୁଇରୁ ତିନି ବର୍ଷ ହେଲା ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବାଧପ୍ରାପ୍ତ

ନୂଆପଡା, (ନି.ପ୍ର) ନୂଆପଡ଼ା ଜିଲ୍ଲା ଖରିଆର ବ୍ଲକ ଅନ୍ତର୍ଗତ ସାନମସର ଗ୍ରାମ ପଂଚାୟତର ଟିଖାଲି ଗାଁରେ ଦୀର୍ଘ ଦୁଇରୁ ତିନି ବର୍ଷ ହେଲା ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବାଧପ୍ରାପ୍ତ ହୋଇଥିବାବେଳେ ଏନେଇ ଗ୍ରାମବାସୀ ଏବଂ ସ୍ଥାନୀୟ ପ୍ରତିନିଧିମାନେ ଜିଲ୍ଲା ପ୍ରଶାସନ ନିକଟରେ ଦୃଢ଼ ଅଭିଯୋଗ କରିଛନ୍ତି । ଗ୍ରାମରେ ପାଇପ୍ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଯେଉଁ କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେ ସମ୍ପର୍କରେ ଗ୍ରାମବାସୀ ଅଙ୍ଗ ଥିଲେ । ଗ୍ରାମରେ ଏକ ସ୍ୱତନ୍ତ୍ର ଟାଙ୍କି ନିର୍ମାଣ କରାଯାଇଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ଏହା ଅଚଳ ହୋଇପଡ଼ିଛି ଏବଂ ପାଣି ଯୋଗାଣ ସମ୍ଭବ ହୋଇପାରୁ ନାହିଁ । ପୂର୍ବରୁ କୁଲିଗାଁ ଟାଙ୍କିରୁ ଆସୁଥିବା ପାଇପ୍ ସଂଯୋଗକୁ କାଟିଦିଆଯାଇ ନୂତନ ପାଇପ୍ ସହ ସଂଯୋଗ କରାଯିବା ଫଳରେ ସାଧାରଣ ଜନତା ପାନୀୟ ଜଳ ପାଇବାରୁ ସମ୍ପୂର୍ଣ୍ଣ ବଂଚିତ ହୋଇଛନ୍ତି । ଅନ୍ୟପକ୍ଷରେ ପାଇପ୍?ଲାଇନ୍ କାମ ସମୟରେ ଗ୍ରାମର ରାସ୍ତାଘାଟ ଓ କଂକ୍ରିଟ୍ କାମଗୁଡ଼ିକୁ ଖୋଳାଯାଇ ନଷ୍ଟ କରିଦିଆଯାଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଗଲେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ । ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ସ୍ତରୀୟ ଅଭିଯୋଗ ଶିବିରରେ ଦରଖାସ୍ତ ଦିଆଯାଇ ପ୍ରଶାସନକୁ ୧୫ ରୁ ୨୦ ଦିନର କଡ଼ା ସମୟସୀମା ଦିଆଯାଇଛି ।

# କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ନେଇ ସମୀକ୍ଷା ବୈଠକ



ବ୍ରହ୍ମପୁର / ଗଞ୍ଜାମ(ନି.ପ୍ର.) : ଗଞ୍ଜାମ ଜିଲ୍ଲାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ସହ ଚାଷୀଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୃଷି, ମତ୍ସ୍ୟଚାଷ, ପଶୁପାଳନ, ଉଦ୍ୟାନ କୃଷି ଓ କିଆ ଫୁଲ ଚାଷର ବିକାଶ ସହ ଚାଷୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ସଶକ୍ତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ନୀତି ଆୟୋଗର ୟଙ୍ଗ ପ୍ରଫେସନାଲ୍ ଲତିକା ଖତୱାନୀ ଏବଂ ଆନ୍ତର୍ଜାତୀୟ ଖାଦ୍ୟ ନୀତି ଅନୁସନ୍ଧାନ ପ୍ରତିଷ୍ଠାନର ବରିଷ୍ଠ ଗବେଷକ ଡକ୍ଟର ସୁଧା ନାରାୟଣନ ଯୋଗଦେଇ ଗଞ୍ଜାମ ଜିଲ୍ଲାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ସମନ୍ୱିତ ବିକାଶର ସମ୍ଭାବନା ଉପରେ ଆଲୋଚନା କରିଥିଲେ । ଜିଲ୍ଲାରେ ଉତ୍ପାଦନ ବୃଦ୍ଧି, ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ବ୍ୟବସ୍ଥାର ଉନ୍ନତି, ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଏବଂ ବଜାର ସଂଯୋଗକୁ ସୁଦୃଢ଼ କରିବା ଉପରେ ସେମାନେ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା,ଜିଲ୍ଲାର ସମସ୍ତ ବନଖଣ୍ଡ ଅଧିକାରୀ, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ଲଳିତ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅଞ୍ଜନ ଦାଶ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସନ୍ତୋଷ ରଥ, ନାବାର୍ଡର ଜିଲ୍ଲା ପ୍ରବନ୍ଧକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ପଂଚାୟତ ଓ ଏନଏସି ନିର୍ବାଚନ ପ୍ରସ୍ତୁତି:

## ଧାମନଗରରେ ବିଏଲଓ ଓ ସୁପରଭାଇଜର ଙ୍କୁ ତାଲିମ



ଧାମନଗର, (ନି.ପ୍ର.) ଆଗାମୀ ପଂଚାୟତ ଓ ଏନଏସି ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକାକୁ ସ୍ୱଚ୍ଛ, ଶୁଦ୍ଧ ଓ ତ୍ରୁଟିମୁକ୍ତ କରିବା ଲକ୍ଷ୍ୟରେ ଧାମନଗର ବ୍ଲକ ସଭାଗୃହରେ ବୁଥ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନ ଙ୍କୁ ଘରକୁ ଘର ସର୍ଭେ ସମ୍ପର୍କିତ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି ।ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ, ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ, ବିଡିଓ ବନ ବିହାରୀ ଦିଣ୍ଡା ଓ ଏନଏସି ଇଓ ଦେବବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ସମ୍ପର୍କରେ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା ।ତାଲିମରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ନିୟମାନୁସାରେ ବାଦ୍ ଦେବା, ତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଘରକୁ ଘର ଯାଇ ସଠିକ୍ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ପଂଚାୟତ ଓ ଏନଏସି ଅଂଚଳର ପ୍ରତ୍ୟେକ ଯୋଗ୍ୟ ନାଗରିକ ଯେପରି ମତଦାନ ଅଧିକାରରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସର୍ଭେ କାର୍ଯ୍ୟକୁ ସଠିକ୍, ନିରପେକ୍ଷ ଓ ପାରଦର୍ଶୀ ଭାବେ ସମ୍ପାଦନ କରିବାକୁ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ । ଏକ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ଶୁଦ୍ଧ ଭୋଟର ତାଲିକା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ଏହି ତାଲିମ କାର୍ଯ୍ୟକ୍ରମକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମନମୁଖୀ ହିତାଧିକାରୀ ଚୟନ

ବେତନଟୀ (ନି.ପ୍ର)କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା, ଦୁର୍ନୀତି ଏବଂ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ୍ ଦିଆଯିବା ପ୍ରତିବାଦରେ ଆଜି ବେତନଟୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଗ୍ରାମବାସୀ ଅହୋରାତ୍ର ଗଣଧାରଣାରେ ବସିଛନ୍ତି । ଗରିବ ଚାଳଘରିଆ ଲୋକଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଂଚିତ କରି ରାଜନୈତିକ ପ୍ରଭାବରେ ଅଯୋଗ୍ୟଙ୍କୁ ଘର ବଂଟନ କରାଯାଉଥିବା ନେଇ ସାଙ୍ଘାତିକ ଅଭିଯୋଗ ଉଠିଛି । ତୃଣମୂଳ ସ୍ତରରେ ଯୋଜନାର କାର୍ଯ୍ୟକାରିତାକୁ ନେଇ ଓଡ଼ିଶା ସରକାର, ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବ୍ଲକ ଅଧିକାରୀଙ୍କ ଦାୟିତ୍ୱହୀନ ମନୋଭାବ ଏବେ ତୀବ୍ର ସମାଲୋଚନାର ପରିସରକୁ ଆସିଛି । ଧାରଣାକାରୀ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବ୍ଲକର ବିଭିନ୍ନ ପଂଚାୟତରେ ପ୍ରକୃତ ଗରିବ ଲୋକ ଯେଉଁମାନେ ଚାଳ ଘରେ ଦହଗଞ୍ଜ ହୋଇ ରହୁଛନ୍ତି, ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ଗୋଟିଏ ଲେଖାଏଁ ପକ୍କାଘର ଯୋଗାଇ ଦିଆଯିବାର ନିୟମ ରହିଛି । ମାତ୍ର କାଳମା ପଂଚାୟତ ଅନ୍ତର୍ଗତ ଗୋବିନ୍ଦରାୟପୁର ଗ୍ରାମରେ ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି । ଉକ୍ତ ଗ୍ରାମ ପଂଚାୟତ ଦାୟିତ୍ୱରେ ଥିବା ପିଇଓ (ପଂଚାୟତ ନିର୍ବାହୀ ଅଧିକାରୀ)ଙ୍କ ଅବହେଳା ଓ ପକ୍ଷପାତିତା ଯୋଗୁଁ ଗୋବିନ୍ଦରାୟପୁର ଗ୍ରାମରେ ପୂର୍ବରୁ ଯେଉଁ ପ୍ରକୃତ ହିତାଧିକାରୀମାନଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଥିଲା, ନୂତନ ତାଲିକାରୁ ରହସ୍ୟଜନକ ଭାବେ ସେମାନଙ୍କ ନାମ କାଟି ଦିଆଯାଇଛି । ବିଡ଼ମ୍ବନାର ବିଷୟ ହେଉଛି, ଯେଉଁ ଲୋକମାନଙ୍କର ପୂର୍ବରୁ ପକ୍କା ଘର ରହିଛି ଏବଂ ନିୟମ ଅନୁସାରେ ଏହି ଯୋଜନାରେ ଘର ପାଇବାକୁ ସମ୍ପୂର୍ଣ୍ଣ ଅଯୋଗ୍ୟ, ସେମାନେ କେବଳ ଶାସକ ଦଳର ସମର୍ଥକ ହୋଇଥିବାରୁ ସେମାନଙ୍କ ନାମ ନୂତନ ଭାବେ ତାଲିକାଭୁକ୍ତ କରାଯାଇଛି । ଏହି ଚଂଚକତା ବିରୋଧରେ ପଂଚାୟତବାସୀ ପ୍ରଥମେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ଜିଲ୍ଲାପାଳ ସମସ୍ତ ଘଟଣା ଶୁଣିବା ପରେ ବେତନଟୀ ବିଡିଓଙ୍କୁ ଫୋନ ଯୋଗେ ନିର୍ଦ୍ଦେଶ ଦେଇଥିଲେ ଏବଂ ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ବହୁ ଦିନ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଗଲା ନାହିଁ । ପରବର୍ତ୍ତୀ ସମୟରେ ଗୋବିନ୍ଦରାୟପୁରବାସୀ ବେତନଟୀ ବିଡିଓଙ୍କୁ ପଚାରି ବୁଝିବାରୁ ସେ ନିଜର ଅସହାୟତା ପ୍ରକାଶ କରିବା ସହ କହିଥିଲେ ଯେ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ନିକଟରୁ ଚାପ ଆସୁଥିବାରୁ ସେ କିଛି କରିପାରିବେ ନାହିଁ । ଜଣେ ଦାୟିତ୍ୱବାନ ପ୍ରଶାସନିକ ଅଧିକାରୀ ରାଜନୈତିକ ଚାପ ଆଗରେ ମୁଣ୍ଡ ନୁଆଁଇ ଗରିବ ହିତାଧିକାରୀଙ୍କୁ ନ୍ୟାୟ ଦେବାରେ ବିଫଳ ହେବା ପ୍ରଶାସନିକ ବ୍ୟବସ୍ଥାର ଅସଲ ଚେହେରାକୁ ପଦାରେ ପକାଇଛି । ଏହି ସମ୍ପୂର୍ଣ୍ଣ ମନମୁଖୀ କାର୍ଯ୍ୟକଳାପ ଓ ଦୁର୍ନୀତି ବିରୋଧରେ କ୍ଷୋଭ ପ୍ରକାଶ କରି ଗୋବିନ୍ଦରାୟପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ବେତନଟୀ ବ୍ଲକ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦେଇଛନ୍ତି । ଯେପର୍ଯ୍ୟନ୍ତ ନୂତନ ତାଲିକାରୁ ଶାସକ ଦଳର ଅଯୋଗ୍ୟ ହିତାଧିକାରୀଙ୍କ ନାମ ବାଦ୍ ନପଡ଼ିଛି ଏବଂ ପ୍ରକୃତ ଗରିବ ପରିବାରଙ୍କୁ ସେମାନଙ୍କ ଅଧିକାର ଫେରାଇ ଦିଆଯାଇ ନାହିଁ, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ସରକାରୀ ଯୋଜନାରେ ରାଜନୈତିକ ହସ୍ତକ୍ଷେପ ଏବଂ ପ୍ରଶାସନିକ ନିଷ୍କ୍ରିୟତା ଗ୍ରାମୀଣ ବିକାଶର ମୂଳ ଲକ୍ଷ୍ୟକୁ ଧୂଳିସାତ୍ କରୁଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରିବାକୁ ଗଣଧାରଣା ଦେଉଥିବା ଗ୍ରାମବାସି ଦାବି କରିଛନ୍ତି ।

# ବିଜୟୱାଡ଼ାରେ ଜାତୀୟ ସରସ ମେଳାରେ ଯୋଗଦେବେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୧୪ ରୁ ୧୫ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ ଗସ୍ତ କରିବେ । ୧୫ ଅକ୍ଟୋବର, ୨୦୨୬ରେ, ରାଷ୍ଟ୍ରପତି ଆନ୍ଧ୍ରପ୍ରଦେଶର ବିଜୟୱାଡାରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ଆୟୋଜିତ ଜାତୀୟ ସରସ ମେଳାରେ ଯୋଗଦେବେ ।

# ବିଦାୟୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜଣାଇଲେ ମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର: ଓଡ଼ିଶାର ରାଜ୍ୟପାଳ ବଦଳିବା ପରେ ଓଡ଼ିଶା ବିଧାନସଭାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବିଦାୟୀ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ଭେଟି ସୌଜନ୍ୟମୂଳକ ସାକ୍ଷାତ କରିବା ସହ ନିଜର ବିଦାୟକାଳୀନ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଥାଉକି ରାଜ୍ୟପାଳ ସ୍ତରରେ ବଡ଼ ଅଦଳବଦଳ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଓଡ଼ିଶା ସମେତ ୬ଟି ରାଜ୍ୟରେ ନୂଆ ରାଜ୍ୟପାଳଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ଅଦଳବଦଳରେ ବର୍ତ୍ତମାନର ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସ୍ଥାନରେ ବ୍ରଜମୋହନ ରାମଙ୍କୁ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ଦାୟିତ୍ୱ ଦିଆଯାଇଛି । ରାଜ୍ୟପାଳ ହରିବାବୁ କମ୍ଭମପାଟି ପ୍ରାୟ ୧ ବର୍ଷ ୯ ମାସ ଧରି ଓଡ଼ିଶାର ରାଜ୍ୟପାଳ ଭାବେ ସଫଳତାର ସହ କାର୍ଯ୍ୟ କରିବା ପରେ ଏବେ ଓଡ଼ିଶାରୁ ବିଦାୟ ନେଉଛନ୍ତି ।




# ସମ୍ବଲପୁର ଓ ସାନ୍ତ୍ରାଗାଛି ମଧ୍ୟରେ ଚାଲିବ ସ୍ୱତନ୍ତ୍ର ପୂଜା ଟ୍ରେନ

ଭୁବନେଶ୍ୱର : ଆଗାମୀ ଦୁର୍ଗା ପୂଜା ଓ ଦୀପାବଳି ଉତ୍ସବ ସମୟରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ, ଯାତ୍ରୀଙ୍କ ସୁବିଧାଜନକ ଯାତ୍ରା ଏବଂ ଅତିରିକ୍ତ ଭିଡ଼ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଅତିରିକ୍ତ ସ୍ୱତନ୍ତ୍ର ପୂଜା ଟ୍ରେନ୍ ଚଳାଚଳ କରାଯିବ । ଟ୍ରେନ୍ ନଂ ୦୮୩୦୩ ସମ୍ବଲପୁର - ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍ ୧୪ ଅକ୍ଟୋବରରୁ ୨୧ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଅପରାହ୍ନ ୪:୧୫ ରେ ସମ୍ବଲପୁରରୁ ଛାଡ଼ିବ ଏବଂ ପରଦିନ ଭୋର ୨:୦୦ ଟାରେ ସାନ୍ତ୍ରାଗାଛିରେ ପହଂଚିବ ।ଫେରନ୍ତା ଯାତ୍ରାରେ, ଟ୍ରେନ୍ ନଂ ୦୮୩୦୪ ସାନ୍ତ୍ରାଗାଛି - ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ୧୫ ଅକ୍ଟୋବରରୁ ୨୨ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ସନ୍ଧ୍ୟା ୭:୦୫ ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶୁକ୍ରବାର ସକାଳ ୭:୪୫ ରେ ସମ୍ବଲପୁରରେ ପହଂଚବ ।





# ନୀଳକଣ୍ଠେଶ୍ୱର ନିବାସ ଏବଂ ମୁକ୍ତେଶ୍ୱର ରେସିଡେନ୍ସି ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ସମାଜର ପ୍ରତ୍ୟେକ ବର୍ଗଙ୍କୁ ପକ୍କା ଘର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ

ଭୁବନେଶ୍ୱର : ଆମେ ଏପରି ଏକ ଭୁବନେଶ୍ୱର ଗଢିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ । ଶ୍ରମିକ ମାନେ ସୁଲଭ ଅବାସ ପାଇ ପାରିବେ, ଯୁବପିଢି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପ୍ରତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ । ଘାଟିକିଆଠାରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡ଼କଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ଲୋକାର୍ପିତ କରିଛନ୍ତି । ଏଥିସହିତ ବୁଦ୍ଧ ବିହାର, ନୀଳମାଧବ,






ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି । କେବଳ ଆବାସ ନୁହେଁ, ପିଲାମାନଙ୍କ କ୍ରୀଡ଼ା ପ୍ରତିଭା ବିକଶିତ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁସ୍ଥତା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ବିଡ଼ିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଏହି ଖେଳପଡ଼ିଆଗୁଡ଼ିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଳଥିଆ, ତମାଣ୍ଡୋ, ନଖରା, ସିବିଏସ୍‌ଇ ଆଂଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଂଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡ଼ିଆ ଅନ୍ତର୍ଭୁକ୍ତ । ସହରରେ ପ୍ରବାସୀ ଶ୍ରମିକ ଓ ନିମ୍ନ ଆୟବର୍ଗର ପରିବାରଙ୍କୁ ସୁଲଭ ଭଡ଼ାରେ ଘର ଯୋଗାଇ ଦେବା ପାଇଁ "ଚଗଇଣ -ଟକ୍ୱଭବଭ ଇଇଘଡଔଟ" ଯୋଜନା ଆରମ୍ଭ କରାଯାଇଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଗାଡ଼କଣଠାରେ ସୁଲଭ ଭଡ଼ା ଆବାସ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାଦ୍ୱାରା ଶ୍ରମିକମାନେ ନିଜ କାର୍ଯ୍ୟସ୍ଥଳୀ ନିକଟରେ କମ୍ ଭଡ଼ାରେ ରହିପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘାଟିକିଆସ୍ଥିତ 'ନୀଳକଣ୍ଠେଶ୍ୱର ରେସିଡେନ୍ସି'ର କେତେ ଜଣ ହିତାଧିକାରୀଙ୍କ ବାସଗୃହ ଆବଂଟନ କରିଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ବୁଦ୍ଧବିହାର ବାସିନ୍ଦା ତୁଳସୀ ତିରିଆଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ଦୁର୍ଗା ଚରଣ ସିଂହଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ରଶ୍ମିକା ନାଏକଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କା, ସର୍ବେଶ୍ୱର ଗୟାଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଏବଂ ପ୍ରଫୁଲ୍ଲ ମହାରଣାଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କାର ବ୍ୟାଙ୍କ ଋଣ ସହାୟତା ରାଶି ମଧ ନିଜ ହସ୍ତରେ ବିତରଣ କରିଛନ୍ତି । ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଏହି ବାସଗୃହଗୁଡ଼ିକ ବସ୍ତି ବାସିନ୍ଦାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିବ । ସମସ୍ତ ବସ୍ତି ବାସିନ୍ଦାଙ୍କୁ ସୁନ୍ଦର ତଥା ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖିଛନ୍ତି, ଯାହାଦ୍ୱାରା କେହି ବି ସେମାନଙ୍କର ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ ।ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, ଆପଣମାନଙ୍କର ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣ ହେଲା ।

# ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାକୁ ହେଲେ ଦୃଢ଼ ପରିସଂଖ୍ୟାନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ: ଡ. ପି.କେ. ମିଶ୍ର

ନୂଆଦିଲ୍ଲୀ : ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀରେ ରାଜ୍ୟ ଯୋଜନା, ଅର୍ଥ ଓ ଅ।ଇଟି ସଚିବମାନଙ୍କର ସମ୍ମିଳନୀ ଉଦଘାଟିତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଦୀକ୍ଷାନ୍ତ ଭାଷଣ ଦେଇଛନ୍ତି । ସେ ତାଙ୍କ ବକ୍ତବ୍ୟରେ ଭରସାଯୋଗ୍ୟ ପରିସଂଖ୍ୟାନ, ତଥ୍ୟଗତ ସମାନତା ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଶାସନ ଉପରେ ଆଲୋକପାତ କରିଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ଲାଗି ଏକ ମଜବୁତ ପରିସଂଖ୍ୟାନ ପ୍ରଣାଳୀର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି । ଡକ୍ଟର ମିଶ୍ର କହିଛନ୍ତି, ପରିସଂଖ୍ୟାନ, ତଥ୍ୟ, ପ୍ରଯୁକ୍ତିବିଦ୍ୟା, ଯୋଜନା ପ୍ରସ୍ତୁତି ଓ ପ୍ରଶାସନ ପରସ୍ପର ସହ ଜଡ଼ିତ ଏବଂ ଏସବୁ ଭାରତର ବିକାଶ ଯାତ୍ରାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ । ସେ କହିଛନ୍ତି, ଏକ ମଜବୁତ ପରିଂସଖ୍ୟାନ ପ୍ରଣାଳୀ ଏପରି ହେବା ଉଚିତ୍ ଯାହାଦ୍ୱାରା ସରକାର ରାଜ୍ୟ ଓ ଜିଲ୍ଲାରେ ବିକାଶର ଗତିକୁ ମାପିପାରିବେ, ନୀତିଗତ ପରିଣାମ ଆକଳନ କରିପାରିବେ, ଅଭାବକୁ ଚିହ୍ନଟ କରିପାରିବେ ଏବଂ ସାର୍ବଜନୀନ ସମ୍ବଳରୁ ଆଶାନୁରୂପ ପରିଣାମ ହାସଲ କରିବା ସୁନିଶ୍ଚିତ କରିପାରିବେ । ଯାହା ମାପି ହେବ ନାହିଁ, ତା'କୁ ପ୍ରଭାବୀ ଢଙ୍ଗରେ ପରିଚାଳନା କରାଯାଇପାରିବ ନାହିଁ । ଆହୁରି ଯାହାକୁ ପ୍ରଭାବୀ ଢଙ୍ଗରେ ପରିଚାଳନା କରାଯାଇପାରିବ ନାହିଁ, ସେଥିରେ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆଣି ହେବ ନାହିଁ । ଆର୍ଥିକ ପରିମାପ ପଦ୍ଧତିକୁ ଆଧୁନିକ କରିବାର ଆବଶ୍ୟକତା ଉପରେ ଡକ୍ଟର ମିଶ୍ର ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ଭାରତର ପରିଂସଖ୍ୟାନ ବ୍ୟବସ୍ଥାକୁ ଏପରି ଅର୍ଥବ୍ୟବସ୍ଥା ସହ ବିକଶିତ କରାଯିବା ଉଚିତ୍ ଯାହା ଦ୍ରୁତ ଗତିରେ ଡିଜିଟାଲ, ଔପଚାରିକ ଏବଂ ପରସ୍ପର ସହ ଜଡ଼ିତ ହୋଇଚାଲିଛି ।








# ଭାରତ ପକ୍ଷରୁ ଆୟୋଜିତ ପ୍ରଥମ ବିମଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଆଜି



ନୂଆଦିଲ୍ଲୀଠାରେ ଭାରତ ପକ୍ଷରୁ ପ୍ରଥମ ବିମ୍ଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକ ଆୟୋଜିତ ହୋଇଛି । ଏହି ବୈଠକରେ ବଙ୍ଗୋପସାଗର କ୍ଷେତ୍ରରେ ଆଂଚଳିକ ସୁରକ୍ଷା ସୁଦୃଢ଼ କରିବା, ପାରସ୍ପରିକ ବିଶ୍ୱାସ ବୃଦ୍ଧି କରିବା ଏବଂ ସହଯୋଗକୁ ଅଧିକ ମଜବୁତ କରିବା ନେଇ ବିମ୍ଷ୍ଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାମୂହିକ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଯାଇଛି । ନିଜ ଅଭିଭାଷଣରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ବିମ୍ଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକ ଆୟୋଜନ କରିବା ଭାରତ ପାଇଁ ଅତ୍ୟନ୍ତ ଗର୍ବ ଓ ସୌଭାଗ୍ୟର ବିଷୟ । ସେ କହିଛନ୍ତି ଯେ, ବିମ୍ଷ୍ଟେକ୍ ଆଂଚଳିକ ଏକୀକରଣ, ଆର୍ଥିକ ସହଯୋଗ ଏବଂ ସାମୂହିକ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବେ ଉଭା ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ 'ବିଶ୍ୱମିତ୍ର' ଭାବନାକୁ ନେଇ ଆଗକୁ ବଢୁଛି ଏବଂ ଶାନ୍ତି, ସହାବସ୍ଥାନ ଓ ମାନବ କଲ୍ୟାଣ ପ୍ରତି ସର୍ବଦା ପ୍ରତିବଦ୍ଧ ରହିଆସିଛି । ଶ୍ରୀ ଶାହ କହିଛନ୍ତି, ପ୍ରଧାନମନ୍ତ୍ରୀ ଏପ୍ରିଲ ୪, ୨୦୨୫ରେ ବ୍ୟାଙ୍କକରେ ଷଷ୍ଠ ବିମଷ୍ଟେକ୍ ଶିଖର ସମ୍ମିଳନୀ ଅବସରରେ କହିଥିଲେ, 'ଆମ ପାଇଁ ବିମଷ୍ଟେକ୍ କେବଳ ଏକ ଆଂଚଳିକ ସଂଗଠନ ନୁହେଁ । ଏହା ଆମର ସମାବେଶୀ ବିକାଶ ଏବଂ ସୁରକ୍ଷା ପାଇଁ ଏକ ମଡେଲ । ଶ୍ରୀ ଶାହ କହିଲେ, ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଇ, ଆଜି ଗୃହ ମନ୍ତ୍ରୀ ଭାବେ ଏହା ଆମର ଦାୟିତ୍ୱ ଯେ ଆମେ ଆମର ସହଯୋଗକୁ ବ୍ୟବହାରିକ ବ୍ୟବସ୍ଥାରେ ପରିଣତ କରିବା, ଯାହା ଆମର ନାଗରିକମାନଙ୍କ ସୁରକ୍ଷା ଏବଂ ଆମର ସଂସ୍ଥାଗୁଡ଼ିକର ସାମର୍ଥ୍ୟକୁ ସୁଦୃଢ଼ କରିବ । ଗୃହମନ୍ତ୍ରୀ ମତ ଦେଇଥିଲେ ।

# ନିର୍ଭୟା ପଦକ୍ଷେପରେ ସମ୍ବଲପୁରରେ ମହିଳା ସୁରକ୍ଷାକୁ ମିଳିବ ନୂଆ ଦିଗ

## ୯ଟି ପ୍ରସ୍ତାବ ଉପରେ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ସମ୍ବଲପୁରରେ ମହିଳା ସୁରକ୍ଷା ପାଇଁ ବଡ ନିଷ୍ପତି ନିଆଯାଇଛି । ମହିଳାଙ୍କ ନିରାପଦ ଯାତାୟତକୁ ଗୁରୁତ୍ୱ ଦିଆଯାଇଛି । 'ଶକ୍ତି ସାରଥୀ' ଅଧୀନରେ ୧୫ଟି ଦୁଇଚକିଆ ଯାନ ମାଧ୍ୟମରେ ମହିଳା ପୋଲିସ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ ଓ ତ୍ୱରିତ ସହାୟତା ପ୍ରଦାନ ପ୍ରସ୍ତାବ ରହିଛି । 'ପ୍ରତିକ୍ରିୟା' ଯୋଜନାରେ ୧୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଓ ଡ୍ରୋନ୍ ବ୍ୟବହାର ମାଧ୍ୟମରେ ମହିଳାଙ୍କୁ ଆବଶ୍ୟକ ସହାୟତା ଓ ଉଦ୍ଧାର ସେବା ଯୋଗାଇବାର ଯୋଜନା ରହିଛି । 'ଦୃଷ୍ଟି' ଅଧୀନରେ ୨୧୦ଟି ସ୍ଥାନରେ ୮୦୦ଟି ସିସିଟିଭି କ୍ୟାମେରା ସ୍ଥାପନ କରି ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ । ସେହିପରି 'ଏସ୍-ଷ୍ଟପ୍' ଅଧୀନରେ ପାଂଚଟି




ପୋଲିସ ସହାୟତା କେନ୍ଦ୍ର ସ୍ଥାପନ କରାଯିବାର ଯୋଜନା ରହିଛି । ନିର୍ଭୟା ପଦକ୍ଷେପ ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ପାଇଁ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରସ୍ତାବିତ ଯୋଜନାଗୁଡ଼ିକର ରୂପରେଖ ଉପସ୍ଥାପନ କରିଥିଲେ । ଏହି ପଦକ୍ଷେପ ଅଧୀନରେ ମୋଟ ୧୦ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ନଅଟି ପ୍ରମୁଖ ଉଦ୍ୟମ ପ୍ରସ୍ତାବିତ ହୋଇଛି । ଏଥିରେ ମହିଳା ପୋଲିସଙ୍କ ଦ୍ୱାରା ତ୍ୱରିତ ସହାୟତା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ପ୍ରଯୁକ୍ତିଭିତିକ ନିରୀକ୍ଷଣ, ନିରାପଦ ଯାତାୟାତ, ମହିଳା ଅନୁକୂଳ ସାର୍ବଜନୀନ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**